ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୦ ଜୁଲାଇ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 10 JULY 2020

Vol.No. 30 ■ No. 171 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.

Contact No:

9437294587, 9438232419, 9437443950, 9937557158,9438317887

S d- P.C Bindhani

Chairman

ବିଶ୍ୱ ପୁନର୍ଗଠନ ପ୍ରକ୍ରିୟାରେ ଭାରତ ପ୍ରମୁଖ ଭୂମିକା ଗ୍ରହଣ କରିବ : ମୋଦି

ନୂଆଦିଲ୍ଲୀ,୯।୭ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡିଓ କନଫରେନ୍ସି ବ୍ୟବସ୍ଥାରେ ଇଣ୍ଡିଆ ଗ୍ଲୋବାଲ ସପ୍ତାହର ଉଦ୍‌ଘାଟନ ଉତ୍ସବରେ ଉଦ୍ ?ବୋଧନ ଦେଇଛନ୍ତି । ସାଂପ୍ରତିକ କାଳର ସଂକଟ ସଂପର୍କରେ ଉଲ୍ଲେଖ କରି ସେ କହିଛନ୍ତି ଯେ ବିଶ୍ୱର ପୁନରୁଦ୍ଧାର ପ୍ରକ୍ରିୟାରେ ଭାରତ ଏକ ପ୍ରମୁଖ ଭୂମିକା ନିର୍ବାହ କରୁଛି । ଏହା ଦୁଇଟି ବିଷୟ ସହ ନିବିଡଭାବେ ସଂପୃକ୍ତ । ପ୍ରଥମଟି ହେଲା ଭାରତର ପ୍ରତିଭା ଏବଂ ଦ୍ୱିତୀୟଟି ହେଲା ସଂସ୍କାର ଓ ନବଜୀବନ ଫେରିପାଇବାରେ ଭାରତର ଦକ୍ଷତା । ସେ କହିଛନ୍ତି ଯେ ସମଗ୍ର ବିଶ୍ୱ ଭାରତର ପ୍ରତିଭାବାନ ଲୋକଶକ୍ତିକୁ ଉଚ୍ଚ ମାନ୍ୟତା ଦେଇଛି । ବିଶେଷକରି ଭାରତୀୟ ପ୍ରଯୁକ୍ତି ଉଦ୍ୟୋଗ ଓ ବୈଷୟିକ ବୃତିଧାରୀମାନଙ୍କର ଅବଦାନକୁ ସମସ୍ତେ ସ୍ୱୀକାର କରୁଛନ୍ତି । ଭାରତକୁ ପ୍ରଧାନମନ୍ତ୍ରୀ ପ୍ରତିଭାର ଏକ ଶକ୍ତିକେନ୍ଦ୍ର ଭାବେ ବର୍ଣ୍ଣନା କରି କହିଛନ୍ତି ଯେ ଏହି ପ୍ରତିଭାତନ୍ତ୍ର ନିଜର ସାମର୍ଥ୍ୟମତେ ସମଗ୍ର ବିଶ୍ୱକୁ ତାର ଅବଦାନ ଦେବାରେ ଆଗ୍ରହୀ । ଭାରତୀୟମାନେ ସ୍ୱଭାବିକଭାବେ ସଂସ୍କାରପ୍ରେମୀ ଏବଂ ଇତିହାସ ପ୍ରମାଣ କରିଛି ଯେ ପ୍ରତ୍ୟେକ ସାମଜିକ ଓ ଆର୍ଥିକ ଆହ୍ୱାନକୁ ଭାରତ ସଫଳତାର ସହ ଅତିକ୍ରମ କରିଛି । ସେ କହିଛନ୍ତି ଯେ ଭାରତ ଯେତେବେଳେ ପୁନରୁଥାନ ଓ ପୁନରୁଦ୍ଧାର କଥା କହେ ସେତେବେଳେ ପ୍ରତ୍ୟାବର୍ତନ ପ୍ରକ୍ରିୟାରେ ଅର୍ଥନୀତି, ପରିବେଶ ଆଦି ବିଭିନ୍ନ କ୍ଷେତ୍ରରେ ଯତ୍ନ, ଅନୁକମ୍ପା ଓ ନିରନ୍ତରତା ଆଦିକୁ ଗୁରୁତ୍ୱ ଦିଏ । ଗତ ୬ ବର୍ଷ ମଧ୍ୟରେ ଭାରତର ଉପଲବ୍ଧି ତାଲିକା ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏହି ସମୟ ମଧ୍ୟରେ ଭାରତରେ ସବୁ ନାଗରିକ ଆର୍ଥିକ ସମାବେଶୀ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି । ଏହି ସମୟରେ ମଧ୍ୟ ଆବାସ ଓ ଭିତିଭୂମି ନିର୍ମାଣ କ୍ଷେତ୍ରରେ ରେକର୍ଡ ପ୍ରତିଷ୍ଠା ହୋଇଛି । ବାଣିଜ୍ୟ ବ୍ୟବସାୟକୁ ସୁଗମ କରିବାର ପ୍ରକ୍ରିୟା ସହଜ ଓ ବିଶ୍ୱାସଯୋଗ୍ୟ ହୋଇଛି ଏବଂ ଜିଏସଟି ସମେତ ଟିକସ ସଂସ୍କାର କ୍ଷେତ୍ରରେ ଭାରତ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଅର୍ଥନୈତିକ ପୁନରୁଦ୍ଧାର ପ୍ରକ୍ରିୟାର ଅନୁକୂଳ ଲକ୍ଷଣମାନ ଦେଶର ଅର୍ଥନୀତିର ବିଭିନ୍ନ କ୍ଷେତ୍ରରେ ଦେଖାଦେଲାଣି । ଏହା କେବଳ ଅଦମନୀୟ ଭାରତୀୟ କର୍ମଶକ୍ତି ଯୋଗୁଁ ସମ୍ଭବ ହୋଇଛି । ସେ କହିଛନ୍ତି ଯେ ଏବେ ଟେକ୍‌ନୋଲଜି ସରକାରଙ୍କୁ ବିଭିନ୍ନ କ୍ଷେତ୍ରରେ ବିଶେଷ ସହାୟତା ଯୋଗାଉଛି । ହିତାଧିକାରୀମାନଙ୍କୁ ଏହାଦ୍ୱାରା ସରକାରୀ ଲାଭ ସିଧାସଳଖ ମିଳିପାରୁଛି । ମାଗଣା ରୋଷେଇ ଗ୍ୟାସ୍, ଲୋକଙ୍କ ବ୍ୟାଙ୍କଖାତାରେ ଟଙ୍କା, କୋଟି କୋଟି ଲୋକଙ୍କୁ ଖାଦ୍ୟଶସ୍ୟ ଯୋଗାଣ ଓ ଅନ୍ୟାନ୍ୟ ଅନେକ କ୍ଷେତ୍ରରେ ଟେକ୍ ?ନୋଲଜି ସରକାରୀ ସୁବିଧା ଯୋଗାଣ ବ୍ୟବସ୍ଥାକୁ ଲୋକଙ୍କ ପାଖରେ ସିଧାସଳଖ ପହଞ୍ଚାଇଛନ୍ତି । ସେ କହିଛନ୍ତି ଯେ ଭାରତ ବିଶ୍ୱର ଅନ୍ୟତମ ସର୍ବାଧିକ ମୁକ୍ତ ଅର୍ଥନୀତି । ଏହାର ସୁଯୋଗ ନେଇ ଭାରତରେ ନିଜ ନିଜର ବ୍ୟବସାୟ ଆରମ୍ଭ କରିବାକୁ ଦେଶ ବହୁଦେଶୀୟ କଂପାନୀମାନଙ୍କୁ ନିମନ୍ତ୍ରଣ କରୁଛି । ଭାରତ ଏକ ବହୁଳ, ସମ୍ଭାବନା ଓ ସୁଯୋଗର ଦେଶ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । କୃଷି କ୍ଷେତ୍ରରେ ଆରମ୍ଭ ହୋଇଥିବା ▶▶ପୃଷ୍ଠା ୭

ଆଜିଠାରୁ ଏମସ୍‌ର ଓପିଡି ବନ୍ଦ

ଭୁବନେଶ୍ୱର,୯।୭ (ନି.ପ୍ର): ଆସନ୍ତାକାଲି (ଶୁକ୍ରବାର)ଠାରୁ ଭୁବନେଶ୍ୱରସ୍ଥିତ ଏମସର ଓପିଡି ବନ୍ଦ ରହିବ । ଡାକ୍ତରଖାନାର କିଛି କର୍ମଚାରୀ ଏବଂ ଚିକିତ୍ସିତ ହେଉଥିବା କିଛି ରୋଗୀ କରୋନା ପଜିଟିଭ୍ ବାହାରିବା ପରେ ଓପିଡି ବନ୍ଦ କରିବାକୁ ନିଷ୍ପତି ନିଆଯାଇଥିବା ଭୁବନେଶ୍ୱର ଏମସ୍ ର ନିର୍ଦ୍ଦେଶିକା ଡା.ଗୀତାଞ୍ଜଳି ବାଟମାନବେ ସୂଚନା ଦେଇଛନ୍ତି । ତେବେ ଡାଏଲିସିସ୍ ଓ ରେଡିଓଗ୍ରାଫି ଭଳି ଚିକିତ୍ସା ଜାରି ରହିବ । ପଜିଟିଭ ବାହାରିଥିବା ଡାକ୍ତର . କର୍ମଚାରୀ ଓ ରୋଗୀଙ୍କ ସଂସ୍ପର୍ଶରେ ଆସିଥିବା କର୍ମଚାରୀ ଏବେ ସଙ୍ଗରୋଧରେ ରହିବେ । ଏହା ସହ କିଛି କର୍ମଚାରୀ କରୋନା କଂଟେନମେଂଟ ଜୋନରୁ ଆସୁଥିବାରୁ ସେମାନଙ୍କୁ ଏବେ ଆସିବା ପାଇଁ ମନା କରାଯାଇଛି । ଏହି ସବୁ ସମସ୍ୟା ପାଇଁ ଏବେ ଡାକ୍ତରଖାନାରେ କର୍ମଚାରୀଙ୍କ ଅଭାବ ପାଇଁ ଏମ୍ସର ଓପିଡି ସେବାକୁ ଆସନ୍ତାକାଲିଠାରୁ ବନ୍ଦ ରଖାଯିବ । କିନ୍ତୁ ରୋଗୀମାନେ ଟେଲି ମେଡିସିନ ସର୍ଭିସେସ୍ ଜରିଆରେ ଡ଼ାକ୍ତରଙ୍କ ସହ କଥା ହୋଇ ନିଜ ସମସ୍ୟା ବିଷୟରେ ପରାମର୍ଶ ନେଇପାରିବେ । ଏହା ସହ ଆସନ୍ତାକାଲିଠାରୁ ଏମସ୍ ପକ୍ଷରୁ ସ୍ୱାସ୍ଥ୍ୟ ଆପ ଲଂଚ୍ କରାଯାଉଛି, ଯାହା ଜରିଆରେ ରୋଗୀ ନିଜ ସମସ୍ୟାର ସମାଧାନ ପାଇ ପାରିବେ ।

ହୋଲ୍‌ଡିଂ ଟିକସର ରିହାତି ଅବଧି ଅଗଷ୍ଟ ୩୧କୁ ବଢିଲା

ଭୁବନେଶ୍ୱର,୯।୭ (ନି.ପ୍ର): ପୌରାଂଚଳରେ ଅଗ୍ରୀମ ଘର ଓ ସମ୍ପତି ଟିକସ ଦେଉଥିବା ଲୋକଙ୍କ ପାଇଁ ରିହାତି ବ୍ୟବସ୍ଥାକୁ ଆସନ୍ତା ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସରକାର ବଢାଇ ଦେଇଛନ୍ତି । କରୋନା ପରିପ୍ରେକ୍ଷୀରେ ସରକାର ଏହି ସୁବିଧା ପ୍ରଦାନ କରିଥିବାବେଳେ ଜନ ସାଧାରଣ ଏହାର ସୁଯୋଗ ନେବାକୁ କୁହାଯାଇଛି । ରାଜ୍ୟର ମହାନଗରନିଗମ, ମ୍ୟୁନିସିପାଲିଟି ଓ ଏନଏସିରେ ବସବାସ କରୁଥିବା ଲୋକଙ୍କ ପାଇଁ ଅଗ୍ରମୀ ଘର ଓ ସମ୍ପତି ଟିକସ ପଇଠ କ୍ଷେତ୍ରରେ ମଇମାସ ପର୍ଯ୍ୟନ୍ତ ରିହାତି ବ୍ୟବସ୍ଥା ଥିଲା । ହେଲେ କରୋନା ପରିପ୍ରେକ୍ଷୀରେ ଅଧିକାଂଶ ଲୋକେ ଟିକସ ପଇଠ କରିପାରିନଥିବାରୁ ରାଜ୍ୟ ସରକାର ଏହି ମିଆଦ ବୃଦ୍ଧି କରିଛନ୍ତି । ଏହାଦ୍ୱାରା ସହରାଂଚଳ ଲୋକେ ଉପକୃତ ହେବେ ବୋଲି ରାଜ୍ୟ ଗୃହ ▶▶ପୃଷ୍ଠା ୭

ସିବିଏସଇ ବୋର୍ଡ଼ର ପରୀକ୍ଷାଫଳ ପ୍ରକାଶନ ନେଇ କୌଣସି ନିଷ୍ପତ୍ତି ହୋଇନାହିଁ

ଭୁବନେଶ୍ୱର,୯।୭ (ନି.ପ୍ର): ଆସନ୍ତା ୧୧ ଓ ୧୩ ତାରିଖରେ ସିବିଏସଇ ବୋର୍ଡ଼ର ଦଶମ ଏବଂ ଦ୍ୱାଦଶର ପରୀକ୍ଷାଫଳ ପ୍ରକାଶ ପାଇବ ବୋଲି ଯେଉଁ ସମ୍ବାଦ ପ୍ରକାଶ ପାଇଛି ତାହା ଭିତିହୀନ । ସେଭଳି କୌଣସି ନିଷ୍ପତି ବୋର୍ଡ଼ ପକ୍ଷରୁ ନିଆଯାଇନାହିଁ । ସୂଚନାଯୋଗ୍ୟ ଯେ, ପରୀକ୍ଷାଫଳ ନେଇ ଏକ ଖବର ସରବରାହ ସଂସ୍ଥା ପକ୍ଷରୁ ପ୍ରକାଶ ପାଇଥିଲା । ଏହି ଭୁଲ୍ ଖବର ପାଇଁ ସମ୍ପୃକ୍ତ ସଂସ୍ଥା ପକ୍ଷରୁ ଦୁଃଖ ପ୍ରକାଶ କରାଯାଇଛି । ଅନ୍ୟପକ୍ଷରେ ୧୦.୭.୨୦ରିଖ ଅପରାହ୍ନ ୩ଟାରେ ଆଇଏସସିଇ ଦଶମ ଏବଂ ଆଇଏସସି ଦ୍ୱାଦଶ ପରୀକ୍ଷା ଫଳ ପ୍ରକାଶ ପାଇବ । ୱେବ୍‌ସାଇଟ୍‌ରେ ଏହି ପରୀକ୍ଷାଫଳ ଉପଲବ୍ଧ ହେବ ।

ଆୟୁଷ ନିର୍ଦ୍ଦେଶକ ଗିରଫ

ଭୁବନେଶ୍ୱର,୯।୭ (ନି.ପ୍ର): ଅଶ୍ଳୀଳ ମେସେଜ୍ ଦେବା ଅଭିଯୋଗରେ ଆୟୁଷ ନିର୍ଦ୍ଦେଶକ ବିଭୂ ପ୍ରସାଦ ଷଡ଼ଙ୍ଗୀଙ୍କୁ ମହିଳା ଥାନା ପୋଲିସ ଗିରଫ କରିଛି । ଆଇପିସି ଧାରା ୩୫୪ ଓ ଆଇ.ଟି ଆକ୍ଟ ଧାରା ୬୭ରେ ଗିରଫ କରାଯାଇଛି । ଏ ସମ୍ପର୍କରେ ତାଙ୍କୁ ଦୀର୍ଘ ସମୟ ଧରି ଜେରା ମଧ୍ୟ କରାଯାଇଥିଲା । ଅନ୍ୟପକ୍ଷରେ ନିର୍ଦ୍ଦେଶକ ଶ୍ରୀ ଷଡ଼ଙ୍ଗୀ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ତାଙ୍କ ବିରୁଦ୍ଧରେ ଯେଉଁ ଅଭିଯୋଗ ଅଣାଯାଇଛି ତାହା ଭିତିହୀନ ଏବଂ ଷଡ଼ଯନ୍ତ୍ର ହୋଇଛି । ସମ୍ପୃକ୍ତ ଅଭିଯୋଗକାରିଣୀ ମହିଳା ତାଙ୍କର ପୁରୁଷ ବନ୍ଧୁଙ୍କ ସହିତ ମିଳି ଏଭଳି ଉଦ୍ୟମ କରିଛନ୍ତି ବୋଲି ସେ କହିଛନ୍ତି ।

ଭୁବନେଶ୍ୱରରୁ ଆଉ ୩୨ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୯।୭ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରୁ ଗୁରୁବାର ପୁଣି ୩୨ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସଙ୍ଗରୋଧ କେନ୍ଦ୍ରରୁ ୧୪ଜଣ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ମାମଲା ୧୮ଟି ରହିଛି । ଏଥିସହ ଭୁବନେଶ୍ୱରରେ ଏଯାବତ ୫୫୭ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୩୦୨ଜଣ ସୁସ୍ଥ ହୋଇଛନ୍ତି । ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଟୁଇଟ କରି ଏହି ସୂଚନା ଦିଆଯାଇଛି । ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ୧୪ଜଣଙ୍କ ମଧ୍ୟରୁ କେନ୍ଦ୍ର ସରକାରଙ୍କ ପରିଚାଳିତ ଡାକ୍ତରଖାନାର ୩୬ ଓ ୪୭ ବର୍ଷର ପୁରୁଷ କର୍ମଚାରୀ ,ସମ୍ ହସ୍ ପିଟାଲ ନିକଟ କଳିଙ୍ଗନଗରରୁ ତିନିଜଣ (୪୮, ୨୬ ଓ ୩୮ବର୍ଷ), ବାପୁଜୀନଗର ଶିଶୁଭବନ ଛକ ଅଂଚଳରୁ ୩୦ବର୍ଷର ଜଣେ ପୁରୁଷ, ରସୁଲଗଡ଼ ଶବର ସାହି ଅଂଚଳରୁ ୩୧ବର୍ଷୀୟା ଜଣେ ମହିଳା, ସଙ୍ଗରୋଧ କେନ୍ଦ୍ରରୁ ୫୨ବର୍ଷର ପୁରୁଷ କରୋନାରେ ଆକ୍ରାନ୍ତ ଥିବା ଚିହ୍ନଟ ହୋଇଛନ୍ତି । ସେହିପରି ପାତ୍ରପଡ଼ା ଉଦୟଗିରି ବିହାର ଅଂଚଳରୁ ୩୨ବର୍ଷୀୟ ଜଣେ ପୁରୁଷ, ସଙ୍ଗରୋଧ କେନ୍ଦ୍ରରୁ ଜଣେ ୧୫ବର୍ଷୀୟା ବାଳିକା, ଢୁମଢୁମା ଫେଜ-୪ ଅଂଚଳରୁ ଜଣେ ୩୧ବର୍ଷୀୟ ପୁରୁଷ, ୟୁନିଟ-୨ ଅଂଚଳର ଜଣେ ୨୭ବର୍ଷୀୟ ପୁରୁଷ, ମଂଚଶ୍ୱର ଅଂଚଳରୁ ଜଣେ ୨୯ବର୍ଷୀୟ ଆରପିଏଫ କର୍ମଚାରୀ, ବାପୁଜୀ ନଗର ସିଟି ପ୍ୟାଲେସ୍ ହୋଟେଲ ଅଂଚଳରୁ ଜଣେ ୩୯ବର୍ଷୀୟ ପୁରୁଷଙ୍କର କୋଭିଡ-୧୯ ରିପୋର୍ଟ ପଜିଟିଭ୍ ଆସିଛି । ଅନ୍ୟପକ୍ଷରେ ୧୮ଟି ସ୍ଥାନୀୟ ମାମଲା ମଧ୍ୟରେ ନୟାପଲ୍ଲୀ ଆଇଆରସି ଭିଲେଜର ଜଣେ ୬୦ବର୍ଷୀୟ ପୁରୁଷ, ନୟାପଲ୍ଲୀ ବ୍ରିଟ୍ କଲୋନିରୁ ଜଣେ ୫୨ବର୍ଷର ପୁରୁଷ, ଭୀମଟାଙ୍ଗୀ ପିପୁଲ ବସ୍ତି ଅଂଚଳରୁ ଜଣେ ୧୯ବର୍ଷର ମହିଳା, ଚନ୍ଦ୍ରଶେଖରପୁର ଗୋପବନ୍ଧୁ ସ୍କୁଲ ଅଂଚଳରୁ ଜଣେ ୨୩ବର୍ଷର ପୁରୁଷ, କେନ୍ଦ୍ର ସରକାରଙ୍କ ପରିଚାଳିତ ହସ୍‌ପିଟାଲରୁ ୪୭ବର୍ଷର ପୁରୁଷ, ୟୁନିଟ-୨ ମାର୍କେଟ ବିଲଡିଂ ଅଂଚଳରୁ ଜଣେ ୬୬ବର୍ଷୀୟ ଓ ୨୧ବର୍ଷୀୟ ମହିଳା, ବରମୁଣ୍ଡା ▶▶ପୃଷ୍ଠା ୭

ଆଉ ୫୭୭ କରୋନା ଆକ୍ରାନ୍ତ ଚିହ୍ନଟ: ମୋଟ ମାମଲା ୧୧୨୦୧କୁ ବୃଦ୍ଧି



ଭୁବନେଶ୍ୱର,୯।୭ (ନି.ପ୍ର): ରାଜ୍ୟରେ ଆଜି ଆଉ ୫୭୭ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ୧୧୨୦୧ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା ୫୭୭ ଜଣଙ୍କ ମଧ୍ୟରୁ ୪୧୬ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୧୬୧ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୨ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାରେ ଜିଲ୍ଲାରେ ସବୁଠାରୁ ଅଧିକ ୨୬୦ ଟି ନୂଆ ମାମଲା ସାମନାକୁ ଆସିଛି । ଅନୁଗୁଳ ଜିଲ୍ଲାରେ ୭ , ବାଲେଶ୍ୱର ଜିଲ୍ଲାରୁେ ୩୦ ଜଣ, ଭଦ୍ରକ ଜିଲ୍ଲାରେ ୨ ଜଣ , ବୌଦ୍ଧ ଜିଲ୍ଲାରେ ୫, କଟକ ଜିଲ୍ଲାରେ ୧୪ ଜଣ କରୋନା ▶▶ପୃଷ୍ଠା ୭

ମଦ ଉପରେ କୋଭିଡ୍ ଟ୍ୟାକ୍ସ କମିଲା

ଭୁବନେଶ୍ୱର,୯।୭ (ନି.ପ୍ର): ରାଜ୍ୟ ସରକାର ମଦ ଉପରେ ଆଦାୟ କରୁଥିବା ଟିକସ ପ୍ରତିଶତ ହାର ସ୍ୱତନ୍ତ୍ର ଭାବେ କୋଭିଡ଼ ପାଇଁ ହ୍ରାସ କରିଛନ୍ତି । ଫଳରେ ବଜାରରେ ମଦ ଦର ହ୍ରାସ ପାଇବ । ଆସନ୍ତା କାଲିଠାରୁ ଏହି ସଂଶୋଧିତ ଦର ଲାଗୁ ହେବ ବୋଲି ଅବକାରୀ ବିଭାଗ ସୂତ୍ରରୁ ଜଣାପଡ଼ିଛି । ଏଫଏମଏଫଏଲ, ଆଇଏମଏଫଏଲ, ବିୟର, ୱାଇନ, ଆରଟିଡି ବ୍ରାଣ୍ଡ ଉପରେ ଅତିରିକ୍ତ କୋଭିଡ଼ ଶୁଳ୍କ ୫୦ ପ୍ରତିଶତ ପରିବର୍ତେ ୧୫ ପ୍ରତିଶତ ଶୁଳ୍କ ଲାଗିବ । ଏହି ନୂତନ ଦର ଡବ୍ଲୁ.ଡବ୍ଲୁ. ଡବ୍ଲୁ ଓ ଏସ ବି ସି . କୋ . ଇନ୍ ୱେବସାଇଟରେ ଉପଲବ୍ଧ ହେବ । ସ୍ପେସାଲ କୋଭିଡ଼ ଫି ଯୋଗୁଁ ଟିକସ ବାବଦରେ ଏହି ମଦରୁ ଏବେ ସୁଦ୍ଧା ୨୦୦ କୋଟି ଟଙ୍କା ରାଜସ୍ୱ ଆଦାୟ ହୋଇଛି । ପଡ଼ୋଶୀ ରାଜ୍ୟର ଅତିରିକ୍ତ ଶୁଳ୍କକୁ ଦେଖି ସରକାର ଏହି ନିଷ୍ପତି ନେଇଛନ୍ତି ।

କୋଭିଡ-୧୯ ସଂକ୍ରାନ୍ତ ଅଷ୍ଟଦଶ ମନ୍ତ୍ରୀସ୍ତରୀୟ ବୈଠକ ଡଃ ହର୍ଷ ବର୍ଦ୍ଧନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ

ନୂଆଦିଲ୍ଲୀ, ୦୯ ଜୁଲାଇ (ହି.ସ.) କୋଭିଡ-୧୯ ସଂକ୍ରାନ୍ତ ଅଷ୍ଟାଦଶ ଉଚ୍ଚ ସ୍ତରୀୟ ମନ୍ତ୍ରୀମଣ୍ଡଳ ବୈଠକ ଆଜି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ହର୍ଷ ବର୍ଦ୍ଧନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ଏଥିରେ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡଃ ଏସ. ଜୟଶଙ୍କର, କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଶ୍ରୀ ହରଦୀପ ସିଂ ପୁରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଅଶ୍ୱିନୀ କୁମାର ଚୌବେ, ଜାହାଜ ଚଳାଚଳ, ସାର ଓ ରସାୟନ ମନ୍ତ୍ରୀ ଶ୍ରୀ ମନସୁଖ ମାଣ୍ଡଭିୟ, ନୀତି ଆୟୋଗ ସଦସ୍ୟ ଡଃ ବିନୋଦ ପଲ ଭିଡିଓ କନଫରେନ୍ସ ଜରିଆରେ ଯୋଗଦେଇଥିଲେ । ପ୍ରଥମେ ସାମ୍ପ୍ରତିକ କୋଭିଡ-୧୯ ସମ୍ପର୍କରେ ବୈଠକରେ ସୂଚନା ଦିଆଯାଇଥିଲା । ବିଶ୍ୱର ସବୁଠାରୁ ଅଧିକ ସଂକ୍ରମିତ ୫ଟି ଦେଶର ସଂକ୍ରମଣ ତୁଳନାରେ ଆମ ଦେଶରେ ଏହାର ହାର ସର୍ବନିମ୍ନ ଥିବା ଜଣାପଡିଛି । ଆମ ଦେଶରେ ସଂକ୍ରମଣ ହାର ନିୟୁତ ପିଛା ୫୩୮ ଓ ମୃତ୍ୟୁ ହାର ୧୫ ଥିବା ବେଳେ ବିଶ୍ୱରେ ଏହା ହାରାହାରି ୧୪୫୩ ଏବଂ ୬୮.୭ ରହିଛି । ଦେଶ ଭିତରେ ୮ଟି ରାଜ୍ୟ ଯଥା ମହାରାଷ୍ଟ୍ର, ତାମିଲନାଡୁ, ଦିଲ୍ଲୀ, କର୍ଣ୍ଣାଟକ, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶରେ ଶତକଡା ୯୦ ଭାଗ ମାମଲା ଥିବା ବେଳେ କେବଳ ୪୯ଟି ଜିଲ୍ଲାରେ ଶତକଡା ୮୦ ଭାଗ ସକ୍ରିୟ ମାମଲା ରହିଛି । ଏହାଛଡା ୬ଟି ରାଜ୍ୟ ଯଥା ମହାରାଷ୍ଟ୍ର, ଦିଲ୍ଲୀ, ଗୁଜରାଟ, ତାମିଲନାଡୁ, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗରେ ମୋଟ ମୃତ୍ୟୁ ସଂଖ୍ୟାର ଶତକଡା ୮୬ ଭାଗ ଥିବା ବେଳେ ୩୨ଟି ଦିଲ୍ଲାରେ ୮୦ ଭାଗ ମୃତକ ରହିଛନ୍ତି । ଅଧିକ ମୃତ୍ୟୁ ହାର ଥିବା ଅଂଚଳଗୁଡିକୁ ସ୍ୱତନ୍ତ୍ର ଭାବେ ଧ୍ୟାନ ଦିଆଯାଉଥିବା ବୈଠକରେ ଅବଗତ କରାଯାଇଥିଲା । କୋଭିଡ-୧୯ ସ୍ୱାସ୍ଥ୍ୟ ଭିତିଭୂମି ସଂକ୍ରାନ୍ତରେ ବୈଠକରେ ସୂଚନା ଦିଆଯାଇଛି ଯେ, ଦେଶରେ ମୋଟ ୩୯୧୪ଟି କେନ୍ଦ୍ରରେ ବିନା ଆଇସିୟୁ ସହାୟତାରେ ୩,୭୭,୭୩୭ ଏକାନ୍ତବାସ ଶଯ୍ୟା, ୩୯,୮୨୦ ଆଇସିୟୁ ଶଯ୍ୟା ଏବଂ ▶▶ପୃଷ୍ଠା ୭

ରାଜ୍ୟରେ ଆଉ ଚାରି ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୫୨ ହେଲା

ଭୁବନେଶ୍ୱର,୯।୭ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ଚାରି ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୫୨କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ

ସମବାୟ ସମିତି ସଦସ୍ୟଙ୍କ ମୃତ୍ୟୁରେ ସମ୍ପର୍କୀୟଙ୍କୁ ବିମା ଅର୍ଥ ପ୍ରଦାନ

୨୬୬ଟଙ୍କା ପୈଠରେ ମିଳେ ୫ଲକ୍ଷ ଟଙ୍କା : ବାଲେଶ୍ୱର ସମବାୟ ରାଜ୍ୟର ଦିଏ ସର୍ବାଧିକ ପ୍ରାପ୍ୟ

ଜଳେଶ୍ୱର, ୦୯/୭ (ନି.ପ୍ର): ରାଜ୍ୟ ସରକାରଙ୍କ ସମବାୟ ବିଭାଗ ଅଧିନରେ କାର୍ଯ୍ୟ କରୁଥିବା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଓ ଗ୍ରାମଂଚଳର ସମବାୟ ସମିତି ସଦସ୍ୟଙ୍କର କୌଣସି ଘଟଣାରେ ମୃତ୍ୟୁ ଘଟିଲେ ସେମାନଙ୍କୁ ୫ଲକ୍ଷ ବିମା ରାଶି ପ୍ରଦାନ କରାଯାଏ । ସଦସ୍ୟ ଜଣକ ୨୬୬ଟଙ୍କା ଦେଇ ଥରେ ସଦସ୍ୟ ହେଲେ ଏହି ଅର୍ଥ ମିଳିବା ସମ୍ଭବ ହୋଇଥାଏ । ଏପରି ଅର୍ଥ ପ୍ରଦାନରେ ସମଗ୍ର ରାଜ୍ୟରେ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ସର୍ବାଧିକ ଅର୍ଥ ପ୍ରଦାନ କରିଥାଏ ବୋଲି ଆଜି ଏଠାରେ ବିମା ଅର୍ଥ ଦେବା ଅବସରରେ ମତପ୍ରକାଶ ପାଇଛି । ଆଜି ଜଳେଶ୍ୱର ସ୍ଥିତ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଶାଖା ପରିସରରେ ୨ଜଣ ମୃତ ବ୍ୟକ୍ତିଙ୍କ ସମ୍ପର୍କୀୟଙ୍କୁ ୫ଲକ୍ଷ ଟଙ୍କା ଲେଖାଏଁ ବିମା ରାଶି ପ୍ରଦାନ କରାଯାଇଛି । ଏହି ପ୍ରଦାନ ବେଳେ ଶାଖା ପରିଚାଳକ ମୃତ୍ୟୁଞ୍ଜୟ ପ୍ରଧାନ ପୌରହିତ୍ୟ କରି ଏପରି ଅର୍ଥ ରାଶି ଦେବାର ଉଦ୍ଦେଶ୍ୟ, ଆବଶ୍ୟକତା ଓ ସମବାୟ ମନଭାବ ସୃଷ୍ଟି ସଂପର୍କରେ କହିଥିଲେ । ଏଥିରେ ରାଜ୍ୟ ସମବାୟ ୟୁନିୟନର ସଦସ୍ୟ ତଥା ରାଜ୍ୟ କଂଜୁମାର ଫେଡ୍ରେସନର ଅନ୍ୟତମ ସଦସ୍ୟ ସମବାୟବିତ୍ ତଥା ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ଡାଇରେକ୍ଟର ମାନସ ଜେନା ଯୋଗ ଦେଇ ୨୦୧୪-୧୫ ମସିହା ଠାରୁ ବାଲେଶ୍ୱର-ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଏପରି ମୃତ୍ୟୁକାଳୀନ ବୀମାରାଣି ୫ଲକ୍ଷ ଟଙ୍କାକୁ ବୃଦ୍ଧି କରିଛି । ପୂର୍ବରୁ ଏହା ୫୦ହଜାର ଟଙ୍କା ଦିଆଯାଉଥିଲା । ଏହା ରାଜ୍ୟ ଅନ୍ୟ କୌଣସି ସମବାୟ ବ୍ୟାଙ୍କ ଏତେପରିମାଣର ଅର୍ଥରାଣୀ ଦେବାର ବ୍ୟବସ୍ଥା କରିନଥିବାର ସେ କହିଥିଲେ । ଏହି ଉପଲକ୍ଷେ ଚାଫଲା ସେବା ସମବାୟ ସମିତି ଅଧିନରେ ଭଣ୍ଡାରୀ ପଲିର ୨୯-୩-୧୮ରେ ବିଶ୍ୱନାଥ ପରିଡାଙ୍କ ଏକ ସଡକ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବାରୁ ତାଙ୍କ ସ୍ତ୍ରୀ ଚାରୁବାଳା ପରିଡାଙ୍କୁ ଆଜି ୫ଲକ୍ଷ ଟଙ୍କାର ଚେକ୍ ପାଇପାରିଥିଲେ । ସେହିପରି ସେହି ଗାଁର ଲେପା ମୁର୍ମୁଙ୍କୁ ୨-୨-୧୯ରେ ସଡକ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବାରୁ ତାଙ୍କ ସ୍ତ୍ରୀ ପାର୍ବତୀ ମୁର୍ମୁଙ୍କୁ ମଧ୍ୟ ୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ଚାଫଲା ଗାଁର ଲକ୍ଷ୍ମୀନାରାୟଣ ଦାସଙ୍କର ଦୁର୍ଘଟଣା ଜନିତ ମୃତ୍ୟୁରେ ତାଙ୍କ ସ୍ତ୍ରୀ ଗୀତାଞ୍ଜଳି ଦାସ ମଧ୍ୟ ୫ଲକ୍ଷ ଟଙ୍କା ପାଇଛନ୍ତି । ଏହି କାର୍ଯ୍ୟକ୍ରମରେ ସୁପର ଭାଇଜର ଅଜୟ କୁମାର କର, ନିରଞ୍ଜନ ଦାସ, ସଂପାଦକ ଅମିତ୍ କୁମାର ପ୍ରମାଣିକ,. ପୂର୍ବତନ ସମିତି ସଭାପତି ରବିନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । କିନ୍ତୁ ଅଦ୍ୟାବଧି ୧୪ଜଣ ବ୍ୟକ୍ତି ଏପରି ଘଟଣାରେ ବିମାରାଣି ପାଇଥିବା ବେଳେ ଅଳ୍ପନିଦ ମଧ୍ୟରେ ଆଉ ୩ଜଣଙ୍କୁ ବିମା ରାଶି ପ୍ରଦାନ କରାଯିବଜ । କିନ୍ତୁ ଡିପିପୁର, ରାଇବଣିଆ, ପଶ୍ଚିମବାଡ ଓ ରାମନଗରପାଟଣା ସମିତିରେ କୌଣସି ବ୍ୟକ୍ତି ବିମା ଅର୍ଥ ୨୬୬ ଜମା କରିନଥିବାରୁ ସେଠାରେ ମୃତ୍ୟୁରେ ପଡୁଥିବ ସଦସ୍ୟ ପରିବାରବର୍ଗଙ୍କୁ ଆର୍ଥୀକ ସହାୟତା ମିଳିପାରୁ ନାହିଁ ।

ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ଉପ ଜିଲ୍ଲାପାଳଙ୍କୁ ସାକ୍ଷାତ

ଜୟପୁର, ୦୯/୭ (ନି.ପ୍ର): ଜୟପୁର ଉପ ଜିଲାପାଳ ହେମନ୍ତ ସାୟଙ୍କ ସହ ସ୍ୱେଚ୍ଛାସେବି ଅନୁଷ୍ଠାନର ସଦସ୍ୟ ମାନେ ସାକ୍ଷାତ କରିଛନ୍ତି । ସାକ୍ଷାତ କରି ଜୟପୁର ସହରର ଲାଇଟ ସସମ୍ୟା, ପରିମଳ ବ୍ୟବସ୍ଥା, ରାସ୍ତା ଘାଟ ନିର୍ମାଣ , ଜାତୀୟ ରାଜପଥର ଡିଭାଇଡରେ ଚାଲିଥିବା ଲାଇଟ କରଣକୁ ସମ୍ପୁର୍ଣ୍ଣ କରିବା, ଶ୍ରୀଷ୍ଟିଆନପେରଟାରୁ ଜିଲା ଚିକିତ୍ସା ରାସ୍ତାରେ ଅନ୍ଧାରରେ ରହୁଛ ତାହା ଲାଇଟ କରଣଆଦି ଉପରେ ଉପ ଜିଲାପାଳ ଙ୍କ ନିକଟରେ ଉପସ୍ଥାପନ କରିଥିଲେ । ଉପ ଜିଲାପାଳ ସାୟ ବିଭିନ୍ନ ସସମ୍ୟା ଶୁଣି ତୁରନ୍ତ ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ସାକ୍ଷାତ ସମୟରେ କାର୍ତିକ ରାଉତ, ସ୍ୱପ୍ନଲତା ପଣ୍ଡା, ସୁଶାନ୍ତ ପଣ୍ଡା, ଜୟନ୍ତ ଦାସ, ଶ୍ରୀକାନ୍ତ ଦାସ, ରାମ ପାଣିଗ୍ରାହୀ, ଦିପ୍ତିମୟ ମହାପାତ୍ର, ବି ରମେଶ, ପବିତ୍ରି ପାତ୍ର, ସତ୍ୟ ତ୍ରିପାଠି, ମୁରଲି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ଜିଲ୍ଲାପାଳ କ୍ଷମତା ପ୍ରୟୋଗ କଲେ ସଜନାଗଡ ସରପଂଚ ୭୨ ଘଂଟା ସର୍ଟଡାଉନ ଘୋଷଣା

ନୀଳଗିରି, ୦୯/୭ (ନି.ପ୍ର): ରାଜ୍ୟ ସରକାର କୋଭିଡ -୧୯ ପାଇଁ ସରପଂଚ ମାନଙ୍କୁ ଜିଲ୍ଲାପାଳ କ୍ଷମତା ଦେବା ପରେ ଏହାର ସଦବ୍ୟବହାର କରିଛନ୍ତି ସଜନାଗଡ ସରପଂଚ ସବିତା ଖାଲପାଳିଆ । ଘଟଣା ସମ୍ପର୍କରେ ଲିଖିତ ଭାବେ ନୀଳଗିରି ଉପଜିଲ୍ଲାପାଳ ହରିଶଚନ୍ଦ୍ର ଜେନାଙ୍କୁ ଜଣାଇବା ସହିତ ଥାନାକୁ ଅବଗତ କରାଇଛନ୍ତି । ସୂଚନା ଥାଉକି ସଜନାଗଜଡ ଅଂଚଳରେ ପ୍ରଥମ ଦିନରେ ୧୨ ଓ ଦ୍ୱିତୀୟ ଦିନରେ ୪ ମୋଟ ୧୬ଜଣ କରୋନା ପଜେଟିଭ ଚିହ୍ନଟ ପରେ ସମଗ୍ର ପଂଚାୟତକୁ ସର୍ଟଡାଉନ ଘୋଷଣା କରିଛନ୍ତି । ପଂଚାୟତର ୨୦ ଟି ୱାର୍ଡ ଯଥା କୁଶୁମିଆ, ଡେଣ୍ଡା , ଶିଆଳଘାଟି , ମୁଣ୍ଡଗୁରା, ପାଣବନ୍ଧ, ମାହାନ୍ତିସାହି, ବିଶ୍ୱାଳ ସାହି, ଭାଲୁକାଶୁଣି, ହାତୀକୁଟ, ରାଜେନ୍ଦ୍ରପୁର, ଡାହିସାହି, ହରିଜନସାହି, ବେହେରା ସାହି, ନୂଆସାହି, ବାଣ୍ଡିଆପଡା, କାଳିଝାଟି, ସଜନାଗଡ ବଜାର, ଭୁଧାରଚଣ୍ଡି ମନ୍ଦିର ସମେତ ସମଗ୍ର ପଂଚାୟତକୁ ଆସନ୍ତା କାଲି ଅର୍ଥାତ ୯/୭/୨୦୨୦ ରିଖ ପୂର୍ବାହ୍ନ ୧୧ଟାରୁ ୧୧/୭/୨୦୨୦ ପୂର୍ବାହ୍ନ ୧୧ ଟା ପର୍ଯ୍ୟନ୍ତ ଦୀର୍ଘ ୭୨ ଘଂଟା ସର୍ଟଡାଉନ ଘୋଷଣା କରିଛନ୍ତି ସରପଂଚ ଶ୍ରୀମତୀ ଖାଲପାଳିଆ । ସଂକ୍ରମଣକୁ ଆଖିଆଗରେ ରଖି ଏହି ନିଷ୍ପତି ନିଆଯାଇଥିବା କହିଛନ୍ତି ସରପଂଚ ।

ୟୁ.ଜି.ସି.ର ଛାତ୍ର ବିରୋଧି ପରୀକ୍ଷା ପରିଚାଳନା ନିଷ୍ପତି ପ୍ରତ୍ୟାହାର ପାଇଁ ଏ.ଆଇ.ଏସ.ଏଫ.ର ଦାବି

ଭୁବନେଶ୍ୱର, ୦୯/୭ (ନି.ପ୍ର): ୟୁ.ଜି.ସି. ଗାଇଡ୍ ଲାଇନ୍, ୬, ଜୁଲାଇ ୨୦୨୦କୁ ଅଖିଳ ଭାରତ ଛାତ୍ର ସଂଘ ବିରୋଧ କରିବା ସହ ତୁରନ୍ତ ପ୍ରତ୍ୟାହାର ପାଇଁ ଦାବି କରିଅଛି । ଗୃହ ମନ୍ତ୍ରଣାଳୟ ଓ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ମଞ୍ଜୁରୀ ନେଇ ୟୁ.ଜି.ସି. ଗତ ୬ ଜୁଲାଇରେ ଜାରି କରିଥିବା ଗାଇଡ୍‌ଲାଇନ୍ ସମସ୍ତ ବିଶ୍ୱବିଦ୍ୟାଳୟ ଗୁଡ଼ିକୁ ସେପ୍ଟେମ୍ବର ସୁଦ୍ଧା ପରୀକ୍ଷା ଶେଷ କରିବା ପାଇଁ ନିର୍ଦ୍ଦେଶ ଜାରି କରିଛି । ୟୁ.ଜି.ସି.ର ଏହି ନିଷ୍ପତି ଧନୀ-ଗରିବ ଛାତ୍ର ବିଭାଜନ, ଅମାନବୀୟ, ଦାୟିତ୍ୱହୀନ ଓ ଅଗଣତାନ୍ତ୍ରିକ । ମୁଷ୍ଟିମେୟ କିଛି ଉଚ୍ଚପଦସ୍ଥ ଅଧିକାରୀଙ୍କ ନିଷ୍ପତି ବାସ୍ତବ ସ୍ଥିତିଠାରୁ ବହୁ ଦୂରରେ ଓ ଦୂରଦୃଷ୍ଟିହୀନ ଏବଂ ଏହା ବହୁଜାତୀୟ କମ୍ପାନୀମାନଙ୍କ ବ୍ୟବସାୟିକ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ । ଗତ ମାର୍ଚ୍ଚ ମାସରୁ ଇତିମଧ୍ୟରେ ଛାତ୍ରଛାତ୍ରୀମାନଙ୍କର ପରୀକ୍ଷା ହେବ ଏବଂ ହେବନାହିଁ ଏହି ବିଭ୍ରାନ୍ତିକର ନିର୍ଦ୍ଦେଶାବଳୀ ପ୍ରସାରଣ କରାଇ ମାନବ ସମ୍ବଳ ମନ୍ତ୍ରଣାଳୟ ଓ ଗୃହ ମନ୍ତ୍ରଣାଳୟ ସମଗ୍ର ଦେଶରେ ଛାତ୍ରଛାତ୍ରୀମାନଙ୍କର ଅଧ୍ୟୟନ ମନୋବଳକୁ ଘୋର ଆଘାତ ଦେଇଛନ୍ତି । କେତେକ ରାଜ୍ୟ ସରକାର କରୋନା ସ୍ଥିତିକୁ ଅନୁଧ୍ୟାନ କରି ପରୀକ୍ଷା ବାତିଲ୍ ନିଷ୍ପତି ନେଇଥିବା ସ୍ଥଳେ ୟୁ.ଜି.ସି. ପକ୍ଷରୁ କୌଣସି ହିତାଧିକାରୀ ଯଥା- ଛାତ୍ର ସଂଗଠନ, ଶିକ୍ଷକ ସଂଗଠନ ଓ ଶିକ୍ଷାବିତ୍‌ମାନଙ୍କ ପରାମର୍ଶ ନ ନେଇ ଏକତରଫା ନିଷ୍ପତି ଅଧିକ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ସୁଯୋଗରୁ ବଂଚିତ କରିବା ପାଇଁ ହୀନ ଷଡ଼ଯନ୍ତ୍ର ଓ ଉଦ୍ଦେଶ୍ୟ ପ୍ରଣୋଦିତ ଅଟେ । ପ୍ରଚଳିତ ଶିକ୍ଷାନୀତିରେ ଦୁର୍ବଳ ଭିତିଭୂମିରେ ଶାରୀରିକ ଦୂରତା ରକ୍ଷା କରି ମହାମାରୀ ସମୟରେ ପରୀକ୍ଷା ପରିଚାଳନା କରିବା ଏକ ଦିବା ସ୍ୱପ୍ନ । ଏହି ଅମାନବୀୟ ନିଷ୍ପତି ଛାତ୍ରଛାତ୍ରୀମାନଙ୍କୁ କରୋନାର କରାଳଗ୍ରାସ ମଧ୍ୟ ଠେଲିଦେବ । ୟୁ.ଜି.ସି.ର ଗାଇଡ୍‌ଲାଇନ୍ ମଧ୍ୟରେ ଯେଉଁ ଅନ୍‌ଲାଇନ୍ ପରୀକ୍ଷାର ନିର୍ଦ୍ଦେଶ ରହିଛି, ତାହା ଅଧିକାଂଶ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ସୁଯୋଗରୁ ବଂଚିତ କରିବ । ୟୁ.ଜି.ସି.ର ଏହି ଧନୀ, ଗରିବ ଛାତ୍ର ବିଭାଜନ ଓ ସମୂହ ଛାତ୍ର ବିରୋଧି ପରୀକ୍ଷା ପରିଚାଳନା ପଦ୍ଧତିର ନିର୍ଦ୍ଦେଶାବଳୀ ତୁରନ୍ତ ପ୍ରତ୍ୟାହାର କରି ହିତାଧିକାରୀ ଛାତ୍ର ସଂଗଠନ, ଶିକ୍ଷକ ସଂଗଠନ ଓ ଶିକ୍ଷାବିତ୍‌ଙ୍କ ସହ ଆଲୋଚନା କରି ସର୍ବବାଦୀ ମତ ଭିତିରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ଭବିଷ୍ୟତକୁ ସୁନିଶ୍ଚିତ କରିବା ଦିଗରେ ଆବଶ୍ୟକୀୟ ନିଷ୍ପତି ନେବାପାଇଁ ଏ.ଆଇ.ଏସ.ଏଫ. ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଦୃଢ ଦାବି କରାଯାଇଛି ବୋଲି ଏ.ଆଇ.ଏସ.ଏଫ.ର ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା ସୂଚନା ଦେଇଛନ୍ତି ।

ପୁରୀ ପ୍ରଶାସନ ସ୍ୱର୍ଗଦ୍ୱାରରେ ଶବ ଦାହ ଉପରେ କଟକଣା ଲାଗୁ କରିବା ପ୍ରସଙ୍ଗ

ରାଜ୍ୟ ସରକାର ଓଡିଆ ଲୋକଙ୍କ ଆସ୍ଥାକୁ ହତ୍ୟା କରପାରିବେ ନାହିଁ: ବିଜେପି

ଭୁବନେଶ୍ୱର, ୦୯/୭ (ନି.ପ୍ର): ପୁରୀ ପ୍ରଶାସନ ପୁରୀ ବ୍ୟତୀତ ଅନ୍ୟ କୌଣସି ଜିଲ୍ଲାର ଲୋକଙ୍କୁ ସ୍ୱର୍ଗଦ୍ୱାରକୁ ଯିବା ପାଇଁ ବାରଣ କରିବା ସହ ଶବଦାହ ଉପରେ କଟକଣା ଲଗାଇଛନ୍ତି । କେବଳ ସେତିକି ନୁହେଁ ସମୁଦ୍ର କୂଳରେ ଅସ୍ଥି ବିସର୍ଜନ ନେଇ ମଧ୍ୟ କଟକଣା ଲଗାଇବା ନିଷ୍ପତି ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ହିନ୍ଦୁ ଧର୍ମରେ ସ୍ୱର୍ଗଦ୍ୱାରରେ ଶବଦାହ କଲେ ମୋକ୍ଷ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି । ଏଥିପାଇଁ ପ୍ରତିଦିନ ସ୍ୱର୍ଗଦ୍ୱାରରେ ହଜାର ହଜାର ସଂଖ୍ୟାରେ ଶବ ଦାହ କରାଯାଏ । ସେହିପରି ମହୋଦଧୀରେ ପିତୃପୁରୁଷଙ୍କ ଅସ୍ଥି ବିସର୍ଜନ କରିବା ପାଇଁ ରାଜ୍ୟର ପ୍ରତି କୋଣ ଅନୁକୋଣରୁ ଲୋକ ଆସିଥାନ୍ତି । ଏଥିରେ ଓଡିଶା ଲୋକଙ୍କର ଆସ୍ଥା ଜଡିତ ହୋଇ ରହିଛି । ରାଜ୍ୟସରକାର କୌଣସି ପ୍ରକାରରେ ହିନ୍ଦୁ ଧର୍ମ ଏବଂ ଓଡିଆ ଲୋକଙ୍କ ଆସ୍ଥାକୁ ହତ୍ୟା କରିପାରିବେ ନାହିଁ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି । କେନ୍ଦ୍ର ସରକାରଙ୍କ ଗୃହ ବିଭାଗ ଦ୍ୱାରା ଘୋଷିତ ହୋଇଥିବା କୋଭିଡ ନିୟନ୍ତ୍ରଣ ନିୟମକୁ ଅନୁପାଳନ କରାଇବାର ଦାୟୀତ୍ୱ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନର । ଏହାକୁ ପାଳନ କରି ଶବଦାହ କରିବାର ଅନୁମତି ଦେବା ସରକାରଙ୍କ ନୈତିକ ଦାୟୀତ୍ୱ ମଧ୍ୟ । ଏଥିପାଇଁ ସରକାର ଲୋକଙ୍କ ନିଷ୍ଠା, ବିଶ୍ୱାସ ଓ ଆସ୍ଥାକୁ ହତ୍ୟା କରିପାରିବେ ନାହିଁ । ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ବନ୍ଦ କରାଇବାର ଷଡଯନ୍ତ୍ର କରିଥିବା ରାଜ୍ୟସରକାର ହିନ୍ଦୁ ଧର୍ମର ବିଶ୍ୱାସକୁ ନଷ୍ଟ କରିବା ପାଇଁ ଦ୍ୱିତୀୟ ଷଡଯନ୍ତ୍ର ଆରମ୍ଭ କରିଛନ୍ତି ବୋଲି ଶ୍ରୀ ହରିଚନ୍ଦନ ଅଭିଯୋଗ କରିଛନ୍ତି । କରୋନା ମହାମାରୀ ସମୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱର୍ଗଦ୍ୱାର ଠାରେ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିବା ଦରକାର । ଏହା ଅର୍ଥ ନୁହେଁ ନିଜର ଅପାରଗତାକୁ ଲୁଚାଇବାକୁ ଯାଇ ଲୋକଙ୍କ ଆସ୍ଥାକୁ କୁଠାରଘାତ କରିବା । ରାଜ୍ୟସରକାର ତୁରନ୍ତ ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ହସ୍ତକ୍ଷେପ କରନ୍ତୁ । ଜିଲ୍ଲା ପ୍ରଶାସନକୁ ଏହି ନିଷ୍ପତି ପ୍ରତ୍ୟାହାର କରିବା ସହ ଶବଦାହ ସମୟରେ କୋଭିଡ ନିୟମର ପାଳନ କେମିତି ହେବ ତାହାର ବ୍ୟବସ୍ଥା କରିବା କଥା ଚିନ୍ତା କରନ୍ତୁ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି ।

ନୂଆ ପଦବୀ ସୃଷ୍ଟି ଉପରେ କେବଳ କଟକଣା ଲାଗିଛି; ଅନ୍ୟ ସମସ୍ତ-ନିଯୁକ୍ତି ପ୍ରକ୍ରିୟା ଜାରି ରହିବ ବୋଲି ଅର୍ଥ ବିଭାଗ ଦେଲା ସ୍ୱଷ୍ଟୀକରଣ

ଭୁବନେଶ୍ୱର, ୦୯/୭ (ନି.ପ୍ର): କୋଭିଡ୍-୧୯ ସଂକ୍ରମଣ ହେତୁ ଓଡ଼ିଶାର ଅର୍ଥନୀତି ପ୍ରଭାବିତ ହୋଇଥିବା କାରଣରୁ ଅନ୍ୟାନ୍ୟ କଟକଣା ସହିତ ଆସନ୍ତା ଦୁଇ ବର୍ଷ ପାଇଁ ସରକାରୀସ୍ତରରେ ସ୍ୱାସ୍ଥ୍ୟ ବିଭାଗର ନିଯୁକ୍ତିକୁ ଛାଡ଼ିଦେଲେ କୌଣସି ବି ସରକାରୀ ବିଭାଗରେ ଜଣେ ହେଲେ ବି କେହି ନିଯୁକ୍ତି ପାଇପାରିବେ ନାହି ରାଜ୍ୟ ସରକାର ଜାରୀ କରିଥିବା କଟକଣାକୁ ନେଇ ତୀବ୍ର ବିରୋଧ ହେବା ପରେ ରାଜ୍ୟ ଅର୍ଥ ବିଭାଗକୁ ସ୍ୱଷ୍ଟୀକରଣ ଜାରୀ କରିବାକୁ ପଡିଛି । ଏ ସମ୍ପର୍କରେ ଅର୍ଥ ବିଭାଗ ସ୍ୱଷ୍ଟୀକରଣ ଜାରୀ କରି କହିଛି ଯେ ସରକାରୀ ସ୍ତରରେ ଚାଲିଥିବା ସମସ୍ତ ନିଯୁକ୍ତି ପ୍ରକ୍ରିୟା ଜାରି ରହିବ ଏବଂ ଖାଲି ପଡିଥିବା ସରକାରୀ ପଦବୀକୁ ମଧ୍ୟ ପୂରଣ କରାଯିବ । ନୂଆ ପଦବୀ ସୃଷ୍ଟି ଉପରେ କେବଳ କଟକଣା ଲାଗିଛି ବୋଲି ବିଭାଗ ପକ୍ଷରୁ କୁହା ଯାଇଛି । ଉଲ୍ଲେଖନୀୟ ଯେ ମଙ୍ଗଳବାର ଅର୍ଥ ବିଭାଗ ପକ୍ଷରୁ ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନା ସମସ୍ତ ବିଭାଗୀୟ ଅତିରିକ୍ତ ମୁଖ୍ୟଶାସନ ସଚିବ, ପ୍ରମୁଖ ଶାସନ ସଚିବ, ଶାସନ ସଚିବ ଓ ବିଭାଗୀୟ ମୁଖ୍ୟମାନଙ୍କୁ ପତ୍ର ଜରିଆରେ ଅର୍ଥନେ ?ତିକ କଟକଣା ସମ୍ପର୍କରେ ଉଲ୍ଲେଖ କରିଥିଲେ । ଏଥିରେ କୁହା ଯାଇଥିଲା ଯେ ଆସନ୍ତା ଦୁଇ ବର୍ଷ ପାଇଁ ସରକାରୀସ୍ତରରେ ସ୍ୱାସ୍ଥ୍ୟ ବିଭାଗର ନିଯୁକ୍ତିକୁ ଛାଡ଼ିଦେଲେ କୌଣସି ବି ସରକାରୀ ବିଭାଗରେ ଜଣେ ହେଲେ ବି କେହି ନିଯୁକ୍ତି ପାଇପାରିବେ ନାହିଁ । ଦୁଇ ବର୍ଷ ପାଇଁ ସରକାରୀସ୍ତରରେ କୌଣସି ନୂଆ ଗାଡ଼ି କିଣାଯାଇ ପାରିବ ନାହିଁ । ମେଡିକାଲ ସାମଗ୍ରୀ, ସଭା ସମିତି ପାଇଁ ଆବଶ୍ୟକ ଡିଜିଟାଲ ଯନ୍ତ୍ରାଂଶ ଛଡ଼ା ଆଉ କିଛି କିଣାଯାଇ ପାରିବ ନାହିଁ । ସ୍ୱାସ୍ଥ୍ୟ ବିଭାଗର ନିଯୁକ୍ତିକୁ ଛାଡ଼ିଦେଲେ କୌଣସି ବି ସରକାରୀ ବିଭାଗରେ ଜଣେ ହେଲେ ବି କେହି ନିଯୁକ୍ତି ପାଇପାରିବେ ନାହିଁ । ସେହିଭଳି କୌଣସି ନୂତନ ଯୋଜନା ପ୍ରଣୟନ କରାଯିବ ନାହିଁ । ଅତ୍ୟାବଶ୍ୟକସ୍ଥଳେ ଅର୍ଥ ବିଭାଗର ଅନୁମତି ପରେ ଜନକଲ୍ୟାଣ ପାଇଁ ସରକାର କୌଣସି ଯୋଜନା ସଂପର୍କରେ ଘୋଷଣା କରିପାରିବେ ବୋଲି ଅର୍ଥ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଥିଲା ।

ବ୍ଲକ ଶିକ୍ଷାଧିକାରୀଙ୍କ ଲିଖିତ ପ୍ରତିଶୃତି ପରେ ଶିକ୍ଷକ ଅନଶନ ସ୍ଥଗିତ

ପଟ୍ଟାମୁଣ୍ଡାଇ, ୦୯/୭ (ନି.ପ୍ର): ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ଭ୍ରମରବର ବିଶ୍ୱାଳଙ୍କ ଲିଖିତ ପ୍ରତିଶୃତି ପରେ ବକେୟା ଦରମା ପାଇଁ ପ୍ରସ୍ତାବିତ ଶିକ୍ଷକ ଅନଶନ ସ୍ଥଗିତ ରଖାଯାଇଛି । ପ୍ରକାଶ ଯେ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ସାନମୋହନପୁର ଗ୍ରାମର ଶିକ୍ଷକ ନିରାକାର ପଣ୍ଡା ବକେୟା ଦରମା ପାଇଁ ପରିବାର ସହ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆସନ୍ତା ୧୦ ତାରିଖରେ ଅନଶନ କରିବା ପାଇଁ ନୋଟିସ ଦେଇଥିଲେ । ଏ ସଂପର୍କରେ ଅବଗତ ହେବା ପରେ ବିଇଓ ଶ୍ରୀବିଶ୍ୱାଳ ଗତକାଲି ଏବିଇଓ ଅଭିମନ୍ୟୁ ପଢିଆରୀଙ୍କ ଉପସ୍ଥିତିରେ ଶିକ୍ଷକ ଶ୍ରୀପଣ୍ଡାଙ୍କ ସହ ସବିଶେଷ ଆଲୋଚନା କରି ଆସନ୍ତା ୩୧ ଜୁଲାଇ ମଧ୍ୟରେ ଶିକ୍ଷକଙ୍କ ସମସ୍ତ ସମସ୍ୟା ସମାଧାନ କରିବାକୁ ଲିଖିତ ପ୍ରତିଶୃତି ଦେବା ପରେ ପ୍ରସ୍ତାବିତ ଅନଶନ ସ୍ଥଗିତ ରଖାଯାଇଛି ବୋଲି ଶିକ୍ଷକ ଶ୍ରୀପଣ୍ଡା ପ୍ରକାଶ କରିଛନ୍ତି ।

କଟକ ସହର ସଟ୍ ଡାଉନ୍ ଅବଧି ବଢ଼ାଇଲା ସିଏମସି ୧୦ ତାରିଖ ମଧ୍ୟ ରାତ୍ର ପର୍ଯ୍ୟନ୍ତ ବଳବତର ରହିବ କଟକଣା

କଟକ, ୦୯/୭ (ନି.ପ୍ର): କଟକ ସହର ସଟ୍ ଡାଉନ୍ ଅବଧିକୁ ବୃଦ୍ଧି କରିଛି କଟକ ମହାନଗର ନିଗମ (ସିଏମସି) । ୧୦ ତାରିଖ ମଧ୍ୟ ରାତ୍ର ପର୍ଯ୍ୟନ୍ତ ଏହି ସଟ୍ ଡାଉନ୍ କଟକଣା ବଳବତର ରହିବ । ଟ୍ୱିଟ୍ ଯୋଗେ ଏହି ସୂଚନା ଦେଇଛି କଟକ ମହାନଗର ନିଗମ । ଏଠାରେ ଉଲ୍ଲେଖଯୋଗ୍ୟ, ୮ ତାରିଖରେ ଅର୍ଥାତ୍ ଆଜି ଶେଷ ହେବାକୁ ଥିଲା ଏହି ସଟ୍ ଡାଉନ୍ ଅବଧି ।

ଗାତରେ ରହୁଥିବା ଅସହାୟ ବୃଦ୍ଧା ଉଦ୍ଧାର

ବାରିପଦା, ୦୯/୭ (ନି.ପ୍ର): ମାଆ ଆଖିରେ ଭରି ରହିଥାଏ ଅସୁମାରୀ ସ୍ୱପ୍ନ । ପୁଅ ବଡହେଲେ ମାଆର ଯତ୍ନ ନେବ, ତାର ବୃଦ୍ଧାବସ୍ଥାରେ ପୁଅ ସେବା ସୁଶୃଷା କରିବ । ହେଲେ ସେହି ପୁଅ ବଡ ହେବା ପରେ ଯେତେବେଳେ ମାଆକୁ କରିଦିଏ ସାତପର ସେତେବେଳେ ମା

ନିଆରା ନାରୀ

ଏବେ ପ୍ରତ୍ୟେକ କ୍ଷେତ୍ରରେ ମହିଳାମାନେ ଆଗକୁ ଆଗକୁ ବଢ଼ି ଚାଲିଛନ୍ତି । ପ୍ରାୟ ପ୍ରତ୍ୟେକ କ୍ଷେତ୍ରକୁ ଏକ ଆହ୍ୱାନ ଭାବେ ଗ୍ରହଣ କରିଛନ୍ତି । ଅଦମ୍ୟ ଉତ୍ସାହ ବଳରେ ଲିଙ୍ଗଗତ ଭେଦଭାବକୁ ପରାସ୍ତ କରିପାରିଛନ୍ତି । ଏମିତି କିଛି ମଳିଳାଙ୍କ କାହାଣୀକୁ ନେଇ ଏ ଉପସ୍ଥାପନା ।

ନିଲ୍‌ଜା ଓ୍ୱାଙ୍ଗମୋ:

ଏକ ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ଜନ୍ମ ହୋଇଥିଲେ ବି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇଛନ୍ତି ସେଫ୍ ନିଲ୍‌ଜା ଓ୍ୱାଙ୍ଗମୋ । ଲଦାଖର ରାଜଧାନୀ ଲେହ୍ ଠାରୁ ପ୍ରାୟ ୭୦ କିଲୋମିଟର ଦୂରରେ ଅବସ୍ଥିତ ଅଲ୍‌ଚି ଗାଁରେ ନିଲ୍‌ଜାଙ୍କ ଜନ୍ମ । ନିଜ ପିତାଙ୍କୁ ହରେଇଲା ପରେ ତାଙ୍କ ଜୀବନରେ ଅନେକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା । ପାରିବାରିକ ବିଶୃଙ୍ଖଳା ହେତୁ ଉଚ୍ଚଶିକ୍ଷାରୁ ମଧ୍ୟ ସେ ବଞ୍ଚିତ ହୋଇଥିଲେ । ପିଲାଦିନରୁ ନିଲ୍‌କା ବିଭିନ୍ନ ପ୍ରକାରର ସୁସ୍ୱାଦୁ ବ୍ୟଞ୍ଜନ ରାନ୍ଧିବାକୁ ଭଲ ପାଉଥିଲେ । ପରବର୍ତ୍ତୀ ସମୟରେ ନିଜ ସଉକକୁ ସେ ତାଙ୍କ କ୍ୟାରିୟର କରିବାକୁ ସ୍ଥିର କରିଥିଲେ ଏବଂ 'ଅଲ୍‌ଚି କିଚେନ୍' ନାମକ ଏକ ଲଦାଖୀ ରେଷ୍ଟୋରାଁ ଆରମ୍ଭ କଲେ । 'ଅଲ୍‌ଚି କିଚେନ୍'ର ସ୍ୱତନ୍ତ୍ର ଖାଦ୍ୟ ତାଲିକାରେ ନୂଆ ନୂଆ ଲଦାଖୀ ବ୍ୟଞ୍ଜନକୁ ସେ ସାମିଲ କରିପାରିଛନ୍ତି । ଏହି କିଚେନ୍‌ରେ ପ୍ରସ୍ତୁତ ହେଉଥିବା 'ଆପ୍ରିକଟ୍ ଟୁ' ଏବଂ 'ତାସି ଟ୍ୟାଗି ଟି'ର ଚାହିଦା ରହିଛି ।

ରଜିୟା ସୁଲତାନ୍:

ଖୁବ୍ କମ୍ ବୟସରେ ରଜିୟା ସୁଲତାନ୍ ନିଜର ପରିଚୟ ସୃଷ୍ଟି କରିପାରିଥିଲେ । ନାଙ୍ଗଲଖୁମ୍ବା ଗ୍ରାମରେ ଜନ୍ମ ହୋଇଥିବା ରଜିୟା ପିଲାବେଳକୁ ଫୁଟବଲ ସିଲେଇ କରୁଥିଲେ । ଫୁଟବଲ୍ ସିଲେଇ କାମ ସାରି ସେ ପାଠ ପଢ଼ିବାକୁ ଯାଉଥିଲେ । ଦିନେ ତାଙ୍କ ମନକୁ ଆସିଲା ଯେ ଯେଉଁ ଶିଶୁ ଶ୍ରମିକମାନେ ଏଣେତେଣେ କାମ କରୁଛନ୍ତି ସେମାନେ କେବେ ଶିକ୍ଷା ଗ୍ରହଣ କରିପାରିବେ ନାହିଁ । ଏହାପରେ ସେ 'ବଚ୍‌ପନ୍ ବଚାଓ' ଆନ୍ଦୋଳନରେ ଯୋଗ ଦେଲେ । ଏହି ଅଭିଯାନ ପାଇଁ ସେ ଗାଁର ଶିଶୁ ମୁଖିଆ ଭାବରେ ନିର୍ବାଚିତ ହୋଇଥିଲେ । ସେ ଷଷ୍ଠ ଶ୍ରେଣୀରେ ପଢୁଥିବା ସମୟରେ ଶିଶୁ ଶ୍ରମରେ ନିୟୋଜିତ ପିଲାମାନଙ୍କୁ ବିଦ୍ୟାଳୟରେ ପାଠ ପଢ଼ିବା ପାଇଁ ଉତ୍ସାହିତ କରିବା ଆରମ୍ଭ କରିଥିଲେ । ଖୁବ୍ କମ୍ ବୟସରେ ବଡ଼ କାମ ଦେଖି ମିଳିତ ଜାତିସଂଘ ପକ୍ଷରୁ ତାଙ୍କୁ 'ମଲାଲା' ସମ୍ମାନରେ ସମ୍ମାନିତ କରାଯାଇଥିଲା । ୨୧ ବର୍ଷିଆ ରଜିୟା କହନ୍ତି, ମୁଁ କେବଳ ମୋ ଅଞ୍ଚଳର ନୁହେଁ, ଦେଶର ବିଭିନ୍ନ ସ୍ଥାନରୁ ଶିଶୁ ଶ୍ରମକୁ ଶେଷ କରିବାକୁ ଚାହୁଁଛି ।

ରଥିକା ରାମସାମି:

ରଥିକା ପିଲାଦିନରୁ ଫଟୋଗ୍ରାଫି ଏବଂ ଭ୍ରମଣରେ ସଉକ ରଖୁଥିଲେ । ଏକାଦଶ ଶ୍ରେଣୀରେ ପଢୁଥିବା ସମୟରେ କ୍ୟାମେରା ଓ ଫଟୋଗ୍ରାଫି ପ୍ରତି ତାଙ୍କର ରୁଚି ବଢ଼ିଥିଲା । ସେ ବନ୍ୟଜନ୍ତୁ ଫଟୋଗ୍ରାଫି କରିବାରେ ୨୫ ବର୍ଷ ଅତିବାହିତ କରିସାରିଲେଣି । ବିଶ୍ୱର ଅଧିକାଂଶ ଜାତୀୟ ଉଦ୍ୟାନ ପରିଦର୍ଶନ କରିବା ସହିତ ସୁନ୍ଦର ଫଟୋଗ୍ରାଫି ମଧ୍ୟ କରୁଛନ୍ତି । ସେ ଦେଶର ପ୍ରଥମ ମହିଳା ବୃତ୍ତିଗତ ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫର୍ ଭାବେ ଗୌରବ କରିଛନ୍ତି ।

ଶାୟରି ଚହଲ:

ମହିଳାଙ୍କ ଉନ୍ନତି ଓ ସେମାନଙ୍କ ସମସ୍ୟାକୁ କେନ୍ଦ୍ର କରି ଏକ ସୋସିଆଲ୍ ନେଟ୍‌ୱାର୍କିଂ ସାଇଟ୍ ଖୋଲାଯାଇଛି । ଏହି ସାଇଟ୍‌ରେ ମହିଳାମାନେ ନିଜ କ୍ୟାରିୟରଠାରୁ ଆରମ୍ଭ କରି ପାରିବାରିକ ସମସ୍ୟା ପର୍ଯ୍ୟନ୍ତ ସବୁ ବିଷୟରେ ଖୋଲାଖୋଲି ଭାବରେ କହିପାରିବେ । କୌଣସି ପ୍ରତିବନ୍ଧକ ରହିବ ନାହିଁ । 'ସିରୋକ୍' ନାମକ ଏହି ନେଟ୍‌ୱାର୍କିଂ ସାଇଟ୍‌ର ପ୍ରତିଷ୍ଠାତା ହେଉଛନ୍ତି ଶାୟରି ଚହଲ୍ । ଏହି ସାଇଟ୍ ୧୪ ଜାନୁଆରି ୨୦୧୪ରେ ଶାୟରିଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା । ବର୍ତ୍ତମାନ ସମୟରେ ଏହି ସାଇଟ୍ ସହିତ ଦଶ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ଯୋଡ଼ି ହୋଇସାରିଛନ୍ତି । ଶାୟରି ବୃତ୍ତିରେ ସାମ୍ବାଦିକ । ଏଥିରେ ମହିଳାମାନେ ଇଂରାଜୀ, ବଙ୍ଗଳା, ହିନ୍ଦୀ, ମରାଠୀ ଭାଷାରେ ନିଜ ମତ ରଖିପାରିବେ । ଏହି ଆପ୍ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରାଇବା କ୍ଷେତ୍ରରେ ସାହାଯ୍ୟ କରିଥାଏ । ଏହା ପୂର୍ବରୁ ଶାୟରି ଫ୍ଲେକ୍ସିମମ୍‌ର ସହ ସଂସ୍ଥାପକ ଭାବେ କାର୍ଯ୍ୟ କରିଛନ୍ତି ।

କୁଶଲ୍ ରାଜେନ୍ଦ୍ରନ:

ଭୂକମ୍ପ କିମ୍ବା ସୁନାମି ପରି ବିପର୍ଯ୍ୟୟ ଅନେକ କ୍ଷତି ଘଟାଇଥାଏ । ତେବେ ବାଙ୍ଗାଲୋରର ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସରେ ପ୍ରଫେସର୍ ଥିବା କୁଶଲ୍ ରାଜେନ୍ଦ୍ରନ ଭୂକମ୍ପ ଏବଂ ସୁନାମିକୁ ନିଜର ଗବେଷଣାର କ୍ଷେତ୍ର ଭାବେ ବାଛିଥିଲେ । ଦକ୍ଷିଣ ଭାରତୀୟ ପରିବାରରେ ଜନ୍ମ ହୋଇଥିବା କୁଶଲ୍ ପ୍ରଥମେ ଥିରୁଅନନ୍ତପୁରମ୍‌ରୁ ଏବଂ ପରେ ଆଇଆଇଟି ରୁର୍‌କୀରୁ ଉଚ୍ଚଶିକ୍ଷା ପ୍ରାପ୍ତ କଲେ । ଜିଓଫିଜିକ୍ସରେ ମାଷ୍ଟର ଡିଗ୍ରୀ କରିବା ପରେର ସେ ସମସ୍ତ ଛାତ୍ରୀ ମଧ୍ୟରେ ଏକମାତ୍ର ଛାତ୍ରୀ ଥିଲେ । ଏହାପରେ ସେ ସହଯୋଗୀ ପ୍ରଫେସର ଭାବରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସରେ ପ୍ରବେଶ କରିଥିଲେ । ସେଠାରେ ସେ ପ୍ରସିଦ୍ଧ ଭୂବିଜ୍ଞାନୀ ସି.ପି. ରାଜେନ୍ଦ୍ରନଙ୍କ ସହ ଭେଟ ହୋଇଥିଲେ । ପରେ ତାଙ୍କୁ ବିବାହ କରିଥିଲେ । ଦକ୍ଷିଣ ଭାରତରେ କାଭେରିପଟ୍ଟନମ୍ ସହରରେ ଏକ ଭୟଙ୍କର ସୁନାମି ହୋଇଥିଲା, ସେତେବେଳେ କୁଶଲ ଏବଂ ତାଙ୍କ ସ୍ୱାମୀ ଏହା ଉପରେ ଗବେଷଣା ଆରମ୍ଭ କଲେ । ୨୦୦୪ ସେହି ମାଟିର ଅବଶିଷ୍ଟାଂଶରୁ ପ୍ରମାଣ କରିଥିଲେ ଯେ ଏକ ହଜାର ବର୍ଷ ପୂର୍ବେ-ମଧ୍ୟ ସେହି ସ୍ଥାନରେ ସୁନାମି ଘଟିଥିଲା । ଜଣେ ବୈଜ୍ଞାନିକ ଭାବେ କୁଶଲ୍ ଜାତୀୟ ପୁରସ୍କାର ମଧ୍ୟ ଲାଭ କରିଛନ୍ତି ।



ସ୍ୱାସ୍ଥ୍ୟ ମନ୍ତ୍ର

ଶିଶୁ ମାଆର ସ୍ୱର ଶୁଣିଲେ, ତା'ର ମସ୍ତିଷ୍କର ବିଭିନ୍ନ ଅଂଶ ସକ୍ରିୟ ହୁଏ । ସାତରୁ ବାର ମାସ ବୟସ୍କ ଚବିଶ ଜଣ ଶିଶୁଙ୍କ ମସ୍ତିଷ୍କର ସ୍କାନିଂରୁ ଏହା ଜଣାପଡ଼ିଛି । ଶିଶୁ, ନିଜ ମାଆର ସ୍ୱର ଏବଂ ଅନ୍ୟ ମହିଳାଙ୍କ ସ୍ୱର ଭିତରେ ଥିବା ଫରକ ଧରିପାରେ । ସ୍ୱାଭାବିକ ଭାବେ ଶିଶୁ, ନିଜ ମାଆର ସ୍ୱର ବାରିପାରିବାର ସଂଭାବନା ପ୍ରାୟ ଅଠାନବେ ପ୍ରତିଶତ । ତେଣୁ, ମାଆର ସ୍ୱର ସହ ଶିଶୁର ମସ୍ତିଷ୍କର ବିକାଶ ଗଭୀର ଭାବେ ସଂପର୍କିତ । ଯେଉଁ ମାଆମାନେ କୁନି ଶିଶୁ ସହ କଥାବାର୍ତ୍ତା ହୁଅନ୍ତି ନାହିଁ, ସେହି ଶିଶୁ ଭବିଷ୍ୟତ୍‌ରେ ଅଟିଜିମ୍ ଭଳି ବିକାରର ଶିକାର ହେବାର ଆଶଙ୍କା ଅଧିକ । ମାଆର ସ୍ୱର ହିଁ ଶିଶୁର ସାମାଜିକ ସଂଯୋଗକୁ ପ୍ରଭାବିତ କରିଥାଏ । ମାଆ ସ୍ୱର ଶିଣୁବାରୁ ବଞ୍ଚିତ ଶିଶୁ ପରବର୍ତ୍ତୀ କାଳରେ ସ୍ୱାଭାବିକ ଭାବେ ଭାବ-ବିନିମୟ କରିପାରିନ୍ତି ନାହିଁ । 'ଷ୍ଟାନ୍‌ଫୋର୍ଡ୍ ୟୁନିଭର୍ସିଟି ସ୍କୁଲ ଅଫ୍ ମେଡିସିନ୍'ର ଗବେଷକମାନେ ଏ ବାବଦରେ ଅଧିକ ଜାଣିବା ପାଇଁ ଗବେଷଣା ଜାରିରଖିଛନ୍ତି ।

ପ୍ରଥମ ସ୍ତନ୍ୟପାୟୀ କ୍ଲୋନ୍ 'ଡଲି'

୧୯୯୬ ଜୁଲାଇ ୫ ତାରିଖରେ ଜନ୍ମ ନେଇଥିଲା ମାଇ ମେଣ୍ଢା ଡଲି । ସ୍କଟ୍‌ଲାଣ୍ଡର ଏଡିନ୍‌ବର୍ଗ ବିଶ୍ୱବିଦ୍ୟାଳୟର ଜୀବ ବିଜ୍ଞାନୀ କିଥ୍ କ୍ୟାମ୍ପବେଲ୍ ଓ ଆୟାନ୍ ୱିଲ୍‌ମୁଟ୍ ପ୍ରଥମ ଥର ପାଇଁ ଦୁଇଟି ଭିନ୍ନ ମାଆଙ୍କ ଠାରୁ ଡିମ୍ବାଣୁ ଓ ଡିଏନ୍‌ଏ ଆଣି ତୃତୀୟ ମାଆର ଗର୍ଭଶୟରେ ଭ୍ରୂଣ ରୂପେ ସ୍ଥାପନ କରିବାରେ ସକ୍ଷମ ହୋଇଥିଲେ । ଏକ ପ୍ରାପ୍ତ ବୟସ୍କ ମେଣ୍ଢାର ଅଣ-ପ୍ରଜନନକ୍ଷମ କୋଷରୁ ନ୍ୟୁକ୍ଲିୟସ୍‌କୁ ଆଣୁ ଅନ୍ୟ ଏକ ମେଣ୍ଢା ଡିମ୍ବାଣୁର ନ୍ୟୁକ୍ଲିୟସ୍ ସ୍ଥାନରେ ସ୍ଥାପନ କରି ଏକ ହାଇବ୍ରିଡ୍ କୋଷ ପ୍ରସ୍ତୁତ କରାଯାଇଥିଲା । ଏକ ସୁନିୟନ୍ତ୍ରିତ ଇଲେକ୍ଟ୍ରିକ୍ ସକ୍ ମାଧ୍ୟମରେ ଏହି କୋଷ ବିଭାଜନକୁ ଆରମ୍ଭ କରାଯାଇ ଅନ୍ୟ ମେଣ୍ଢାର ଗର୍ଭାଶୟରେ ରଖାଯିବା ପରେ ଡଲିର ଜନ୍ମ ହୋଇଥିଲା । ଏହା ଜୀବ ବିଜ୍ଞାନ କ୍ଷେତ୍ରରେ ଏକ ମାଇଲ୍‌ଖୁଣ୍ଟ ସାବ୍ୟସ୍ତ ହୋଇଥିଲା । ଛଅ ବର୍ଷ ବୟସରେ ମୃତ୍ୟୁବରଣ କରିବା ପୂର୍ବରୁ ଡଲି ବିଶ୍ୱବିଖ୍ୟାତ ହୋଇସାରିଥିଲା ।

ଧୁସ୍‌କା

ଝାଡ଼ଖଣ୍ଡର ଏକ ସ୍ୱାଦିଷ୍ଟ ଖାଦ୍ୟ ଧୁସ୍‌କା । ଘରେ ଘରେ ପରିଚିତ ଏହି ଖାଦ୍ୟ । ଚଟପଟା ଖାଦ୍ୟ ଭାବେ ବି ଏହାର ପରିଚୟ ରହିଛି । ଯଦି କେବେ ଆପଣ ଝାରଖଣ୍ଡ ବୁଲିବାକୁ ଯିବେ ନିଶ୍ଚିତ ଭାବେ ରାସ୍ତା କଡ଼ ଜଳଖିଆ ଦୋକାନରେ ଧୁସ୍‌କା ଦେଖିବାକୁ ପାଇବେ । ଅନ୍ୟ କିଛି ଜଳଖିଆ ଥାଉ ବା ନଥାଉ, ଧୁସ୍‌କା ପ୍ରାୟ ପ୍ରତ୍ୟେକ ଜଳଖିଆ ଦୋକାନରେ ମିଳିଥାଏ । ଧୁସ୍‌କା ସହିତ ଆଳୁ ତରକାରୀ ଝାରଖଣ୍ଡର ଏକ ଲୋକପ୍ରିୟ ଜଳଖିଆ । ଆମ ଓଡ଼ିଶାରେ ଯେମିତି ଲୋକମାନେ ପିଠା କରିବା ପାଇଁ ବିରି, ଚାଉଳ ଏକାଠି ବତୁରାଇ ବାଟି ଥାଆନ୍ତି ଠିକ୍ ସେମିତି ଧୁସ୍‌କା ପାଇଁ ମଧ୍ୟ ଚାଉଳ ଓ ବିରିକୁ ବତୁରାଇବାକୁ ହୋଇଥାଏ । ତେବେ ତିଆରି କରିବାର ପଦ୍ଧତି ଭିନ୍ନ । ଏହାକୁ ତେଲରେ ଛାଣି ଖିଆଯାଇପାରିବ । ନହେଲେ ତାୱାରେ ଫ୍ରାଏ କରି ମଧ୍ୟ ପ୍ରସ୍ତୁତ କରାଯାଇପାରିବ । ଧୁସ୍‌କା ସହିତ ଆଳୁ ତରକାରୀ ନହେଲେ ବି ଚଟଣି କିମ୍ବା ସସ୍ ସହିତ ଏହାକୁ ଖିଆ ଯାଇପାରିବ । ଏଥିରେ ବୁଟ ଡାଲି ମିଶୁଥିବାରୁ ଏହା ପ୍ରୋଟିନରେ ଭରପୂର । ଧୁସ୍‌କା ପ୍ରସ୍ତୁତ କଲା ବେଳେ ପିଆଜ, ରସୁଣ ମିଶା ଯାଉନଥିବାରୁ ଏହାକୁ ପୂଜା, ବ୍ରତ ଅବସରରେ ମଧ୍ୟ ଖିଆ ଯାଇପାରିବ । ବଡ଼କଥା ହେଲା ଧୁସ୍‌କା ପାଇଁ ଆଣ ପ୍ରସ୍ତୁତ କରି ଆପଣ ଫ୍ରିଜ୍‌ରେ ଚାରିରୁ ପାଞ୍ଚ ଦିନ ରଖିପାରିବେ । ଆଦୌ ନଷ୍ଟ ହେବ ନାହିଁ । ତା' ହେଲେ ଆସନ୍ତୁ ଜାଣିବା ଏହି ଖାଦ୍ୟର ପ୍ରସ୍ତୁତି ବିଷୟରେ ।

ପ୍ରସ୍ତୁତି:

ଧୁସ୍‌କା ପ୍ରସ୍ତୁତି ପାଇଁ ଚାଉଳ, ବୁଟ ଡାଲି, ବିରି, କଞ୍ଚାଲଙ୍କା, ଅଦା, ଧନିଆ ପତ୍ର, ଜୀରା, ଲୁଣ, ହେଙ୍ଗୁ, ହଳଦୀ ଗୁଣ୍ଡ, ଇନୋ ଫ୍ରୁଟ୍ ସଲ୍ଟ, ତେଲ ଆବଶ୍ୟକ ହୋଇଥାଏ । ପ୍ରଥମେ ଆସନ୍ତୁ ଜାଣିବା କେଉଁ ଜିନିଷ କେତେ ମାତ୍ରାରେ ଦରକାର ପଡ଼ିବ । ଧୁସ୍‌କା ପାଇଁ ଚାଉଳ ୧ କପ୍ (୨୦୦ଗ୍ରାମ୍), ବୁଟ ଡାଲି ଅଧ କପ୍ (୧୦୦ଗ୍ରାମ୍), ବିରି ଚଉଠେ କପ୍ (୫୦ ଗ୍ରାମ୍), କଞ୍ଚା ଲଙ୍କା ୪ ଟା, ଅଦା ୩/୪ ଇଞ୍ଚ, କଟା ଧନିଆ ପତ୍ର ୨ ଟେବଲ ଚାମଚ, ଜୀରା ୧ ଛୋଟ ଚାମଚ, ହେଙ୍ଗୁ ଚିମୁଟାଏ, ହଳଦୀ ପାଉଡର ସାମାନ୍ୟ, ଲୁଣ ସ୍ୱାଦ ଅନୁସାରେ, ଇନୋ ଫ୍ରୁଟ ସଲ୍ଟ ୧/୪ ଚାମଚ, ଛାଣିବା ପାଇଁ ରିଫାଇନ ତେଲ । ଇନୋ ଫ୍ରୁଟ ସଲ୍ଟ ଜାଗାରେ ଖାଇବା ସୋଡ଼ା ମଧ୍ୟ ମିଶାଇ ପାରିବେ । ଚାଉଳ, ଚଣା ଡାଲି, ବିରିକୁ ଭଲ କରି ଧୋଇ ଅଲଗା ଅଲଗା କରି ବତୁରାଇ ରଖନ୍ତୁ । ୪ରୁ ୫ ଘଣ୍ଟା ବତୁରି ଗଲା ପରେ ଏହାକୁ ଆଉ ଥରେ ଧୋଇନିଅନ୍ତୁ ।

ଏଥର ଚାଉଳରେ ସାମାନ୍ୟ ପାଣି ଦେଇ ମିକସିରେ ବାଟି ନିଅନ୍ତୁ । ଏହା ପରେ ମିକ୍ସିରେ ବୁଟ ଡାଲି, ବିରି, ଅଦା, କଞ୍ଚାଲଙ୍କା ଏବଂ ସାମାନ୍ୟ ପାଣି ମିଶାଇ ବାଟି ରଖନ୍ତୁ । ମିଶ୍ରଣକୁ ଆଦୌ ପାଣିଆ କରିବେ ନାହିଁ । ଏହାପରେ ଚାଉଳ ଓ ବୁଟ-ବିରିର ମିଶ୍ରଣକୁ ଏକାଠି କରି ସେଥିରେ ଜୀରା, ହେଙ୍ଗୁ, ହଳଦୀ, ସ୍ୱାଦ ଅନୁସାରେ ଲୁଣ ଏବଂ କଟା ଧନିଆ ପତ୍ର ମିଶାଇ ଭଲ କରି ଗୋଳାଇ ଦିଅନ୍ତୁ । ମିଶ୍ରଣ ଅଧିକ ବହଳିଆ ହୋଇଥିଲେ ସାମାନ୍ୟ ପାଣି ମିଶାଇ ପାରିବେ । ଯେମିତି ଇଡଲି ପାଇଁ ପିଠଉ ପ୍ରସ୍ତୁତ ହୁଏ ସେମିତି କରିବେ । ଏହାପରେ କରେଇରେର ତେଲ ଗରମ କରନ୍ତୁ । ତେଲ ଗରମ ହେଲା ପରେ ଆଗରୁ ପ୍ରସ୍ତୁତ କରି ରଖିଥିବା ଘୋଳରେ ଇନୋ ଫ୍ରୁଟ ସଲ୍ଟ ଗୋଳାଇ ଦିଅନ୍ତୁ । ବାସ ଏକ ବଡ଼ ଚାମଚରେ ଏହି ଘୋଳରୁ ନେଇ ଧୀରେ ଧୀରେ ତେଲରେ ପକାନ୍ତୁ । ତଳ ପଟୁ ଭାଜି ହୋଇ ଆସିଲେ ଓଲଟାଇ ଦିଅନ୍ତୁ । ମଧ୍ୟମ ଆଞ୍ଚରେ ଛାଣିବେ । ବାଦାମି ରଙ୍ଗର ହୋଇଆସିଲେ ତେଲରୁ ବାହାର କରି ଆଣନ୍ତୁ । ପ୍ରସ୍ତୁତ ହୋଇଯିବ ସ୍ୱାଦିଷ୍ଟ ଧୁସ୍‌କା । ଯଦି ଆପଣ ତେଲରେ ଛାଣିବାକୁ ଚାହାନ୍ତି ନାହିଁ ତେବେ ଫ୍ରାଇଂ ପ୍ୟାନ୍‌ରେ ତେଲ ଦେଇ ସ୍ୟାଲୋ ଫ୍ରାଏ ମଧ୍ୟ କରିପାରିବେ । ଏହାକୁ ଚଟଣି, ଫ୍ରାଏ ମଧ୍ୟ କରିପାରିବେ । ଏହାକୁ ଚଟଣି, ଆଳୁ ତରକାରୀ, ଘୁଘୁନି ଆଦି ସହିତ ପରିବେଷଣ କରିପାରିବ ।

ଭିନ୍ନ ରୂପର ଚା' ନୁନ୍ ଚା'

ଚା' କିମ୍ବା କଫି ପାନୀୟ ଅଧିକ ପରିମାଣରେ ପିଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ଦିନକୁ ଥରେ କିମ୍ବା ଦୁଇଥର ଚା ପିଇପାରନ୍ତି । ବଜାରରେ ବିଭିନ୍ନ ସ୍ୱାଦର ଚା' ମିଳୁଛି । ତନ୍ମଧ୍ୟରୁ ଅନ୍ୟତମ ହେଲା, 'ନୁନ୍ ଚା' । କାଶ୍ମୀର ଘାଟି ଅଞ୍ଚଳରେ ଏଇ ବିଶେଷ ସ୍ୱାଦ ତଥା ରୂପର ଚା'ର ଲୋକପ୍ରିୟତା ସର୍ବାଧିକ । ତୁର୍କୀରୁ ଏହି ଚା'ର ଉତ୍ପତ୍ତି ହୋଇଥିବାର ଅନୁମାନ କରାଯାଉଥିବାବେଳେ ପ୍ରସ୍ତୁତ ଏହି ନୁନ୍ ଚା' ଶୀତଦିନେ ସ୍ଥାନୀୟ କାଶ୍ମୀର ଲୋକେ ଅଧିକ ପିଉଥିବାର ଦେଖାଯାଏ । ଦ୍ୱିପହର ଭୋଜନ ପରେ ପରେ ଏହି ଚା' ପିଆଯାଉଥିବାରୁ ବିଶେଷଜ୍ଞଙ୍କ ମତରେ ଶୀତରେ ନୁନ୍ ଚା' ପିଇଲେ ତାହା ଶରୀରକୁ ଉଷ୍ମତା ପ୍ରଦାନ କରେ । ଏଥିରେ ମହଜୁଦ୍ ଥିବା ସୋଡ଼ା ପାଚନତନ୍ତ୍ରକୁ ଉତ୍ତମ କରିବା ସହ ଅମ୍ଳ କମ୍ କରିବାରେ ସହାୟକ ହୋଇଥାଏ । ମାନସିକ ଚାପକୁ ମଧ୍ୟ ଅନେକାଂଶରେ ନିୟନ୍ତ୍ରଣ କରିପାରୁଥିବା ନୁନ୍ ଚା କାଶ୍ମୀର ଘାଟି ଅଞ୍ଚଳରେ ଚାଷ କରାଯାଇଥାଏ । ନୁନ୍ ଚା'ର ଫୁଲକୁ ଶୁଖାଇ ଚା' ପତି ତିଆରି ହୁଏ । କାଶ୍ମୀର ଲୋକଙ୍କ କହିବାନୁସାରେ, ଏହାର ପ୍ରସ୍ତୁତି ମଧ୍ୟ ଭିନ୍ନ ଭାବେ ହୁଏ । ପାଣିକୁ ଅଳ୍ପ ଫୁଟାଇ ପ୍ରଥମେ ସୋଡ଼ା ମିଶାଯାଏ । ଚା'ର ରଙ୍ଗ ଏଇ ସମୟରେ ଲାଲ ହୋଇଯାଇଥାଏ, ଏଥିରେ କ୍ଷୀର ମିଶାଯିବା ପରେ ଚା'ର ରଙ୍ଗ ସୁନ୍ଦର ଗୋଲାପୀ ରଙ୍ଗରେ ପରିବର୍ତ୍ତନ ହୋଇଥାଏ । ପରେ ନୁନ୍ ପତି ଓ ଚିନି ମିଶାଇ ୨-୩ ମିନିଟ୍ ଫୁଟାଇଲେ ପରେ ଚା' ପ୍ରସ୍ତୁତ । ଗୋଲାପୀ ରଙ୍ଗରର ଏଇ ଚା'କୁ କାଶ୍ମୀର ଆସୁଥିବା ପର୍ଯ୍ୟଟକମାନେ ମଧ୍ୟ ପିଇବାକୁ ପସନ୍ଦ କରିଥାନ୍ତି । କାଶ୍ମୀର ଲୋକଙ୍କ ମତରେ ନୁନ୍ ଚା' ରଙ୍ଗ ଦେଖିଲେ ହିଁ ମାନସିକ ଶାନ୍ତି ମିଳେ ।

ହୋଟେଲ୍ ଭିତରେ ଦୁଇଟି ଦେଶ

ଦୁନିଆରେ ଏଭଳି ଅନେକ ହୋଟେଲ୍ ଅଛି ଯାଂହା ନିଜର ଭିନ୍ନ ଭିନ୍ନ ଗୁଣ ପାଇଁ ଲୋକଙ୍କ ମଧ୍ୟରେ ପରିଚିତ । କୌଣସି ହେଟେଲ୍ ନିଜର ନିର୍ମାଣ ଶୈଳୀ ଯୋଗୁ କେତେବେଳେ ନିଆରା ତ ଆଉ କେଉଁ ହୋଟେଲ୍ ସ୍ୱତନ୍ତ୍ର ସୁବିଧା ପାଇଁ ଅନ୍ୟଠାରୁ ଭିନ୍ନ ହୋଇଥାଆନ୍ତ । ଏଭଳି ଏକ ହୋଟେଲ୍ ଅଛି ଯାହା ଦୁଇଦେଶ ଭିତରେ ଅବସ୍ଥିତ । ଅର୍ଥାତ୍ ଆପଣ ଯଦି ସେହି ହୋଟେଲ୍‌ରେ ଶୋଇଥିବା ସମୟରେ କଡ଼ ଲେଉଟାଇବେ ତେବେ ଅନ୍ୟ ଏକ ଦେଶରେ ପହଞ୍ଚିଯିବେ । କଥାଟି ଯୋଗ୍ୟ ନହେଲେ ମଧ୍ୟ ସତ । ଏହି ଅଜବ ହୋଟେଲ୍‌ଟି ଦୁଇଦେଶ ସୀମାରେ ରହିଛି । ସେ ଦୁଇଟି ଦେଶ ହେଉଛନ୍ତି ଫ୍ରାନ୍ସ ଓ ସୁରଜରଲ୍ୟାଣ୍ଡ । ହୋଟେଲ୍‌ଟି ଦୁଇଦେଶ ପରିସୀମା ଭିତରେ ଥିବାରୁ ତାହାର ମଧ୍ୟ ଦୁଇ ଦୁଇଟି ଠିକଣା ରହିଛି । ହୋଟେଲ୍ ମଝିରେ ଦୁଇଦେଶର ସୀମାରେଖା ଗତି କରୁଥିବା ବେଳେ ଭିତରେ ଥିବା ବାର୍ ସୁଇଜରଲାଣ୍ଡରେ ଓ ଶୌଚାଳୟ ଫ୍ରାନ୍ସରେ ରହିଛି । ଏଥିରେ ଥିବା ଦୁଇଟି ରୁମ୍‌କୁ ଦୁଇଭାଗରେ ବଣ୍ଟାଯାଇଛି । ଭିତରେ ଥିବା ପ୍ରତ୍ୟେକ ଜିନିଷକୁ ଅଧା ଅଧା ଦୁଇ ଭିନ୍ନ ଦେଶ ଅନୁସାରେ ମଧ୍ୟ ସଜା ହୋଇଛି ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

କ୍ଷମତା କନ୍ଦଳ...

ନେପାଳରେ କ୍ଷମତା କନ୍ଦଳକୁ ନେଇ ସୃଷ୍ଟି ବିବାଦ ଏବେ ଚରମ ସୀମାରେ ପହଞ୍ଚିଛି ଓ ଶାସନ କ୍ଷମତାସୀନ ନେପାଳ କମ୍ୟୁନିଷ୍ଟ ପାର୍ଟିର ମୁଷ୍ଟିମେୟ ସଦସ୍ୟ ପ୍ରଧାନମନ୍ତ୍ରୀ ଖଡ୍‌ଗ ପ୍ରସାଦ ଶର୍ମା ଓଲିଙ୍କୁ ପ୍ରଧାନମନ୍ତ୍ରୀ ପଦରୁ କ୍ଷମତାଚ୍ୟୁତ କରିବା ସକାଶେ ଅଡ଼ି ବସିଛନ୍ତି । ପରିସ୍ଥିତି ଏଭଳି ଜଟିଳ ଆକାର ଧାରଣ କରିଛି ଯେ, କ୍ଷମତାଚ୍ୟୁତ ହେବା ଭୟରେ ପ୍ରଧାନମନ୍ତ୍ରୀ ଓଲି ନେପାଳୀ ପ୍ରତିନିଧି ସଭାକୁ ପ୍ରୋରୋଗ କରିଛନ୍ତି । ତାଙ୍କ ବିରୋଧରେ ବିରୋଧୀ ଗୋଷ୍ଠୀ ଅନାସ୍ଥା ପ୍ରସ୍ତାବ ଆଣିବା ଭୟରେ ସେ ଏଭଳି କାଳକ୍ଷେପଣ ନୀତି ଅବଲମ୍ବନ କରିଥିବା ବିଶ୍ୱାସ କରାଯାଏ । ତେବେ ସବୁ ଦୋଷ ପ୍ରଧାନମନ୍ତ୍ରୀ ଓଲି ଲଦିଛନ୍ତି ଭାରତ ଉପରେ । ତାଙ୍କର ଅଭିଯୋଗ ଯେ, ନେପାଳର ନୂଆ ମାନଚିତ୍ରକୁ (ଯେଉଁଥିରେ ଭାରତ ଲିପୁଲେଖ- କାଲାପାନି ଏବଂ ଲିମ୍ପିଆଡୋରା ସାମିଲ) ସାନ୍ନିଧାନିକ ସ୍ୱୀକୃତି ମିଳିବା ପରେ ତାଙ୍କୁ କ୍ଷମତାରୁ ହଟାଇବା ଲାଗି ଭାରତ ପ୍ରୟାସ କରୁଛି ଓ ତାଙ୍କ ଦଳର ବିରୋଧୀ ଗୋଷ୍ଠୀଙ୍କୁ ଉସୁକାଉଛି । ଓଲିଙ୍କ ଭାରତ-ବିରୋଧୀ ଚିନ୍ତାଧାରା ସର୍ବଜନବିଦିତ ଓ ଇତିପୂର୍ବରୁ ମଧ୍ୟ ପ୍ରଧାନମନ୍ତ୍ରୀ ପଦରୁ କେଇବର୍ଷ ପୂର୍ବେ ବିତାଡ଼ିତ ହେବା ପୂର୍ବରୁ ଓ ପରେ ସେ ଭାରତ ବିରୋଧରେ ଅନୁରୂପ ଅଭିଯୋଗ ଆଣିଥିଲେ । କିନ୍ତୁ ବାସ୍ତବତା ଏହାଠାରୁ ସଂପୂର୍ଣ୍ଣ ଭିନ୍ନ ।

ନେପାଳରେ ପ୍ରଜାତନ୍ତ୍ର ଗଠିତ ହେବା ଦିନଠାରୁ (୨୦୦୮ରୁ) ସେଠାରେ ରାଜନୈତିକ ଅସ୍ଥିରତା ଲାଗି ରହିଛି । ଗତ ୧୨ବର୍ଷ ମଧ୍ୟରେ ସେଠାରେ ଅନ୍ୟୂନ ୧୧ଟି ସରକାର ଗଠିତ ହୋଇଛି ଓ ଭାଙ୍ଗିଛି । ନେପାଳ ରାଜନୀତିରେ ଦଳବଦଳ, ବିଦ୍ରୋହ, କ୍ଷମତା କନ୍ଦଳ ଓ ସମର୍ଥନ ଜ୍ଞାପନ/ପ୍ରତ୍ୟାହାର ନିତିଦିନିଆ ଘଟଣାରେ ପରିଣତ ହୋଇଛି । ପୂର୍ବରୁ ପରସ୍ପରର ଘୋର ବିରୋଧୀ ଥିବା ଦୁଇ କମ୍ୟୁନିଷ୍ଟ ନେତା କେ.ପି. ଶର୍ମା ଓଲି ଏବଂ ପୁଷ୍ପ କମଲ ଦହଲ 'ପ୍ରଚଣ୍ଡ' ୨୦୧୭ ମସିହାରେ ପରସ୍ପର ସହ ହାତ ମିଳାଇଥିଲେ । ଏହା ପରେ ପରେ (୨୦୧୮ରେ) ସେମାନଙ୍କ ଦୁଇ ଦଳ କମ୍ୟୁନିଷ୍ଟ ପାର୍ଟି ଅଫ୍ ନେପାଳ (ମାଓଇଷ୍ଟ ସେଣ୍ଟର) ଏବଂ କମ୍ୟୁନିଷ୍ଟ ପାର୍ଟି ଅଫ୍ ନେପାଳ (ୟୁନାଇଟେଡ ମାର୍କ୍ସିଷ୍ଟ-ଲେନିନିଷ୍ଟ) ମଧ୍ୟରେ ମିଶ୍ରଣ ଘଟି 'ନେପାଳ କମ୍ୟୁନିଷ୍ଟ ପାର୍ଟି' ରୂପେ ଆତ୍ମପ୍ରକାଶ କରିଥିଲା । ପରବର୍ତ୍ତୀ ସମୟରେ ଗତବର୍ଷ ଅନୁଷ୍ଠିତ ଜାତୀୟ ନିର୍ବାଚନରେ ଏନସିପି ବିଜୟ ଲାଭ କରିବା ପରେ ପ୍ରଚଣ୍ଡ ପ୍ରଧାନମନ୍ତ୍ରୀ ପାଇଁ ପ୍ରତ୍ୟାଶୀ ନହୋଇ ଓଲିଙ୍କୁ ପାଞ୍ଚବର୍ଷ ଲାଗି କ୍ଷମତା ଛାଡ଼ି ଦେଇଥିଲେ । କିନ୍ତୁ ସେ କ୍ଷମତାଶାଳୀ ଦଳୀୟ କାର୍ଯ୍ୟକାରୀ କମିଟିର ନିୟନ୍ତ୍ରକ ଭାବେ ରହି ପରୋକ୍ଷରେ ଶାସନକୁ ନିୟନ୍ତ୍ରଣ କରିବା ନିମନ୍ତେ ମସୁଧା କରିଥିଲେ । ଏବେ କ୍ଷମତାକୁ ନେଇ ଦୁଇ ନେତାଙ୍କ ମଧ୍ୟରେ ପ୍ରବଳ ଟଣାଓଟରା ଲାଗିଛି । ପ୍ରଧାନମନ୍ତ୍ରୀ ଓଲି ତାଙ୍କର ଚୀନପ୍ରୀତି ପାଇଁ ପ୍ରଖ୍ୟାତ । କିନ୍ତୁ ଅତୀତରେ ଚୀନଠାରୁ ଧୋକା ଖାଇଥିବା ପ୍ରଚଣ୍ଡ ଆଉ ଚୀନ ଆଡ଼କୁ ଢଳିବାକୁ ନାରାଜ । ଓଲିଙ୍କ ସରକାରର ଅପରାଗତାରେ ଦେଶବାସୀ ଅସନ୍ତୁଷ୍ଟ ହୁଅନ୍ତେ, ସେଇ ଅଭିଯୋଗକୁ ଆଳ କରି ଦଳର କାର୍ଯ୍ୟକାରୀ କମିଟିର ମୋଟ୍ ୪୫ ସଦସ୍ୟଙ୍କ ଭିତରୁ ଅନ୍ୟୂନ ୩୦ ଜଣ ପ୍ରଧାନମନ୍ତ୍ରୀଙ୍କ ତୁରନ୍ତ ଇସ୍ତଫା ଦାବି କରିଛନ୍ତି । ଏଥିରେ ଭୟଭୀତ ହୋଇ ଓଲି ସଂସଦକୁ ପ୍ରୋରୋଗ କରି ଚୀନର ଶରଣ ପଶିଛନ୍ତି । କାଠମାଣ୍ଡୁଠାରେ ଅବସ୍ଥାପିତ ଚୀନ ରାଷ୍ଟ୍ରଦୂତ ହୋଉ ୟାନ୍‌କି ଦଳୀୟ ନେତାମାନଙ୍କୁ ଭେଟି ବୁଝାଶୁଝାରେ ବ୍ୟସ୍ତ । ତେବେ ସେଥିରେ ବିଶେଷ ପ୍ରଗତି ଘଟିବା କିମ୍ବା ଅସନ୍ତୁଷ୍ଟ ନେତାମାନେ ରାଜିହେବା ପରି ମନେ ହୁଏନାହିଁ । ଏପରିକି ଦଳକୁ ଦୁଇଭାଗ କରି ଓଲି ନିଜ କ୍ଷମତା କୁର୍ସିକୁ ବଞ୍ଚାଇବା ନିମନ୍ତେ ପ୍ରୟାସ ଚଳାଇଥିବା ଅନୁମାନ କରାଯାଏ । ତେଣୁ ପ୍ରତିନିଧି ସଭାର ୧୭୪ ସଦସ୍ୟଙ୍କ ମଧ୍ୟରୁ ତାଙ୍କ ଦଳର ୫୩ଜଣଙ୍କୁ ଛାଡ଼ି ଅନ୍ୟ ବହୁ ସଦଦ୍ୟଙ୍କୁ କୁଟାଇବା ଲାଗି ସେ ଆପ୍ରାଣ ଉଦ୍ୟମ କରୁଛନ୍ତି । ସେଥିମଧ୍ୟରୁ ପୂର୍ବତନ ପ୍ରଧାମନ୍ତ୍ରୀ ମାଧବ ନେପାଳଙ୍କ ଗୋଷ୍ଠୀର ୪୩ ଜଣ ଏବଂ ନେପାଳୀ କଂଗ୍ରେସ ପାର୍ଟିର ୬୩ଜଣ ସଦସ୍ୟଙ୍କ ସମର୍ଥନ ହାସଲ ସକାଶେ ପ୍ରୟାସ କରାଯିବା ପରି ମନେହୁଏ । ତେବେ ତିନି ପୂର୍ବତନ ପ୍ରଧାନମନ୍ତ୍ରୀ- ପୁଷ୍ପ କୁମାର ଦହଲ, ମାଧବ ନେପାଳ ଏବଂ ଝନାଲନାଥ ଖନାଲ ମିଳିତ ଭାବେ ପ୍ରଧାନମନ୍ତ୍ରୀ ଓଲିଙ୍କ ବିରୋଧରେ ବିଷୋଦ୍‌ଗାର କରି ତାଙ୍କୁ କ୍ଷମତାଚ୍ୟୁତ କରିବା ଦିଗରେ ବ୍ରତୀ ହୋଇଛନ୍ତି, ଏହା ନେପାଳ ରାଜନୀତିକୁ ଆହୁରି ଅନିଶ୍ଚିତତା ଭିତରକୁ ଠେଲି ଦେଇଛି । ଆର୍ଥିକ ସଂକଟ ସାଙ୍ଗକୁ କରୋନା ସଂକ୍ରମଣ ଏବେ ସେ ଦେଶକୁ ଗୋଟୋପଣେ ଆକ୍ରାନ୍ତ କରି ରଖିଥିବାବେଳେ ରାଜନୈତିକ ଗୋଷ୍ଠୀକନ୍ଦଳ ନେପାଳକୁ ଆହୁରି ବିପନ୍ନ ଅବସ୍ଥାକୁ ଠେଲିଦେବା ପରି ମନେହୁଏ ।

କୁନା ଓ କରୋନା

ଶରତ କୁମାର ଦାସ

ରାଗେ ଗରଗର ହୋଇ ଆମ କୁନା
ପଚାରିଲା ଦିନେ "କରୋନା ଭାଇ,
ଏତେ କଳବଳ କାହିଁକି କରୁଛୁ
ହତବାକ ପରା ହେଲାଣି ମହୀ ।

ଏତେ ରାଗ ତୋର କାହିଁ ପାଇଁ କହ
କି ଦୋଷ କରିଛି ମଣିଷ ଭାଇ,
ଖାଁ ଖାଁ ଲାଗେ ସାରା ଜଗତଟା
ସୁଖ ଶିରୀ ସବୁ ନେଲୁ ଛଡ଼ାଇ ।

କେତେ ଜୀବନ ତୁ ନେଇ ସାରିଲୁଣି
କାମ ଧନ୍ଦା କେତେ ବନ୍ଦ ହେଲାଣି,
ଖୁଦ କଣିକାଟି ମିଳୁନାହିଁ ଘରେ
ସେ ଖୁସି ସବୁ ଲିଭି ଗଲାଣି ।

ପାଠ ପଢ଼ା ସବୁ ତୁଲିକୁ ଗଲାଣି
ସ୍କୁଲ ଖୋଲିବ କେବେ ଜାଣିନି,
ମାମୁ ଘର ବୁଲି ଯାଇ ପାରିଲିନି
କେତେ ହୀନିମାନ ଆମେ ହେଲୁଣି ।"

କୁନା କଥା ଶୁଣି ହସିଲା କରୋନା
କହିଲା କଥାଟା ଆଖି ନଚାଇ,
"ମଣିଷର ଦୋଷେ ଆସିଛି ମୁଁ ପଶି
ଚାହୁଁଲେ ମଣିଷ ଯିବି ପଳାଇ ।"

କୁନା ପଚାରିଲା କରୋନାକୁ ଧୀରେ
"ଉପାୟଟି ମୋତେ କୁହ ବୁଝାଇ,
ତୋ ପାଇଁ ତ କିଛି ଔଷଧ ନାହିଁ
କେଉଁ ଉପଚାରେ ଯିବୁ ଦୂରେଇ ।"

"ଲୋଡ଼ା ନାହିଁ ମୋର କିଛି ଉପଚାର
ସଚେତନ ଟିକେ ଯାହା ମୋ ପାଇଁ,
ସାବୁନ ପାଣି ଧୋଉଥିବ ହାତ
ଚାଲୁଥିବ ମୁହେଁ ମାସ୍କ ଲଗାଇ ।

ଗହଳି ଜାଗାକୁ ଯିବ ନାହିଁ କେବେ
ହାତ ମିଳାଇବ ନାହିଁ କେବେ ବି,
ନମସ୍ତେ କହିବ ଦୁଇ ହାତ ଯୋଡ଼ି
ଦୂରତା ଟିକିଏ ରଖିଥିବଟି ।"

କୁନା ଫିକ୍ କରି ହସି ଦେଲା ଥରେ
ଭାବିଲା କହିବ ସଭିଙ୍କୁ ଯାଇଁ,
ସଚେତନ ହେଲେ କରୋନା ହଟିବ
ରୋଗ ଦୂର ହେବ ହସିବ ମହୀ ।

+ ଅଧ୍ୟାପକ, ବଡ଼ବିଲ ମହାବିଦ୍ୟାଳୟ,
ବଡ଼ବିଲ
ଜିଲ୍ଲା-କେନ୍ଦୁଝର
ମୋ: ୮୨୪୯୧୩୭୦୯୧

ଅବିଶ୍ୱସ୍ତ ଚୀନ୍

ଇଂ. ବିଦ୍ୟାଧର ପଣ୍ଡା

ବହୁତଦିନ ତଳେ କେଉଁ ଏକ ଟିଭି ଧାରାବାହିକରୁ କାହାଣୀଟିଏ ମନେପଡେ ଯେ ଗୋଟିଏ ରାଜ୍ୟର ରାଜାଙ୍କ ଜୀବନରକ୍ଷା କରିଥିବା ଜନୈକ ପ୍ରଜା ପରଶୁକୁ ରାଜା ପୁରସ୍କାର ଦେବାକୁ ଚାହିଁଲେ। କଟୁଆଳ ହାତରେ ସେହି ପରଶୁକୁ ଡକାଇ ତା'ର ମନବାଂଛା ବିଷୟରେ ଅବଗତ ହୋଇ ଜାଣିପାରିଲେ ଯେ ସିଏ ପୁରସ୍କାରବାବଦକୁ କିଛି ଜମି ଆଶାକରୁଛି। ରାଜା ଖୁସିହୋଇ କହିଲେ, 'କାଲିପ୍ରଭାତରେ ତୁମେ ରାଜପ୍ରାସାଦକୁ ଆସ। ରାଜପ୍ରାସାଦର ଦୁଆରବନ୍ଧ ଛୁଇଁ ଠିକ୍ ସୂର୍ଯ୍ୟୋଦୟ ସମୟରେ ବାହାରିଯିବ। ତୁମେ ଯେଉଁସବୁ ଜମିଗୁରିପଟେ ବୁଲି ଠିକ୍ ସୂର୍ଯ୍ୟାସ୍ତର ମୁହୂର୍ତ୍ତେ ପୂର୍ବରୁ ଫେରିଆସି ସେହି ରାଜପ୍ରାସାଦର ଦୁଆରବନ୍ଧ ଛୁଇଁଦେବ, ସେ ସମସ୍ତଜମି ତୁମର ହୋଇଯିବ।' ଲୋକଟି ଆନନ୍ଦରେ ବିଭୋର ହୋଇଗଲା। ଘରକୁ ଫେରି ପରଶୁ ରାତିପାହିବାକୁ ଅପେକ୍ଷା କଲା। ରାତିସାରା ଅନିଦ୍ରା ଓ ଉତ୍ସାହ ହେତୁ ପରଶୁର ବଳକମି ଶରୀର ଦୁର୍ବଳ ଲାଗିଲା। କିନ୍ତୁ ରାଜାଙ୍କ ନିର୍ଦ୍ଦେଶାନୁସାରେ ସୂର୍ଯ୍ୟୋଦୟ ଅଧଘଂଟା ପୂର୍ବରୁ ରାଜପ୍ରାସାଦରେ ହାଜର ହେଲା। ମନରେ ଅଭିଳାସ ଅନେକ, ଆଶା ଅସୁମାରୀ। ଆଜିର ସନ୍ଧ୍ୟାରେ ସିଏ ହେବ ଜମିଦାର। କାଲିର ସୂର୍ଯ୍ୟୋଦୟ ସହ ତା'ର ଭାଗ୍ୟୋଦୟ ହେବ। ଆବେ ପରଶୁ ଯାବେ ପରଶୁ ଆଉ କେହି କହିବାକୁ ସାହସ କରିବେନି। ଅତିକମରେ ପଚାଶଏକରରୁ ଷାଠିଏଏକର ସମ୍ପତ୍ତି ଚାରିପଟେ ସିଏ ନିଶ୍ଚିତ ଭାବରେ ବୁଲିଆସିବ। ଏତେବଡ ଜମିଦାର ହେଲାପରେ ସମସ୍ତଙ୍କ ମୁହଁରୁ ବାହାରିବ ବାବୁ ପରଶୁରାମ୍। ଜମିଦାର ହେଲା ପରେ ଭଲିଭଲି ରଙ୍ଗବେରଙ୍ଗ ପୋଷାକ ପିନ୍ଧିବ। ଯାହା ଇଚ୍ଛା ତାହା କିଣି ଖାଇବ। ଦେଶ ବିଦେଶ ତୀର୍ଥକରି ସବୁ ଦର୍ଶନୀୟ ସ୍ଥାନ ବୁଲିବ। ଚାକରବାକର ରଖି ଅୟେସ୍‌ରେ କାଳାତିପାତ କରିବ। ପୂର୍ବଦିଗରେ ସିନ୍ଦୁରା ଫାଟିଲା ବେଳକୁ ରାଜପ୍ରାସାଦର ଦୁଆରବନ୍ଧରେ ହାତଛୁଆଁଇ ରଖିଲା। ସୂରୁଜଉଇଁବା ମାତ୍ରେ ଦୌଡିବ। ରାଜାଙ୍କ ନିର୍ଦ୍ଦେଶରେ ଆରକ୍ଷୀମାନେ ପରଶୁର ପଛେପଛେ ଦୌଡିବା ପାଇଁ ପ୍ରସ୍ତୁତ ରହିଲେ। ସେ ଶୁଭସମୟ ଆସିଲା। ପରଶୁ ଆଗେଆଗେ ଦୌଡିଲା, ପଛେପଛେ ରାଜାଙ୍କ ଲୋକ। ସୂର୍ଯ୍ୟମାହାପ୍ତ ମୁଣ୍ଡଉପରେ ହେଲାରୁ ଭାବିଲା ଅଧାସମୟ ଆଗକୁ ଆସିଲିଣି, ଏବେ ଫେରିବାକୁ ହେବ। କିନ୍ତୁ ଟିକିଏ ଆଗରେ ବିରାଟବଡ ଜଳାଶୟ। ଭାବିଲା ଏହି ଜଳାଶୟଟି ମୋ'ଜମିର ଜଳସେଚନର କାମରେ ଆସିବ। ଏଇଟା ତ ନିହାତି ଦରକାର। ଫେରିଲାବେଳେ ଟିକିଏ ଜୋରରେ ଦୌଡିଲେ ପହଁଚିଯିବ।

ଲୋଭ ସମ୍ବରଣ କରିନପାରି ସେ ଜଳାଶୟ ଚାରିପଟେ ବୁଲୁବୁଲୁ ଅପରାହ୍ନ ଦୁଇଟା ହୋଇଗଲା। ପରଶୁ ଦୌଡିଦୌଡି ଧଇଁସଇଁ ହେବାକୁ ଲାଗିଲା। ଆରକ୍ଷୀମାନେ କ୍ଳାନ୍ତ ହୋଇ ପଡିଲେ। ଅଶ୍ୱାରୋହୀମାନେ ଅଧାରାସ୍ତାରେ ସକାଳୁ ଆସିଥିବା ଆରକ୍ଷୀମାନଙ୍କୁ ବିଶ୍ରାମ କରିବାକୁ କହି ପରଶୁର ପଛେପଛେ ଅନୁଗମନ କଲେ। ଦିଗବଳୟର ଅଳ୍ପ ଉପରକୁ ସୂର୍ଯ୍ୟ ଥିବାବେଳେ ପରଶୁ ଦେଖିଲା ରାଜପ୍ରାସାଦ ଆଉରି ଆଗକୁ ଚାରିକୋଷ ବାଟ ଅଛି। ପାଦ ଚଳୁନାହିଁ। ଶରୀର ବଳ ଶୂନ୍ୟ। ସୂର୍ଯ୍ୟୋଦୟରୁ ଏପର୍ଯ୍ୟନ୍ତ ଅଧିକ ଜମି ଅଧିଗ୍ରହଣ କରିବାପାଇଁ ଘଡିଏ ବି ବିଶ୍ରାମ କରିନି କି ଖାଦ୍ୟପାନୀୟ କିଛି ପାଟିରେ ଦେଇନି। ତଥାପି ହାରିଲାନି। ବହୁତ କଷ୍ଟରେ ତିନିକୋଷ ଅତିକ୍ରମ କଲାପରେ ଗୋଟେ ଖାଲରେପଡି ଆଣ୍ଠୁଗଣ୍ଠି ଛିଣ୍ଡିଗଲା। ଘୁଷୁରିଘୁଷୁରି ଅଧାକୋଷ ଯିବାପରେ ବେହୋସ ହୋଇଗଲା। ପଛେପଛେ ଆସୁଥିବା ଅଶ୍ୱାରୋହୀମାନେ ମୁହଁରେ ପାଣିଛିଂଚିବାରୁ ପରଶୁର ଚେତା ଫେରିଲା। ସଙ୍ଗେସଙ୍ଗେ ପଶ୍ଚିମ ଦିଗକୁ ଚାହିଁ ପୁଣି ଦୌଡିଲା। ସୂର୍ଯ୍ୟ ବୁଡିବାକୁ ଅଳ୍ପବାକି ଥାଏ। ସୂର୍ଯ୍ୟକୁ ଚାହିଁଚାହିଁ ଦୌଡିବା ବେଳେ ଗୋଟିଏ ପଥର ଝୁଟି ପୁଣିଥରେ ପଡିଗଲା ଯେ ଆଉ ଉଠିପାରିଲାନି। ସେହିଠାରୁ ରାଜପ୍ରାସାଦର ସେହି ଦୁଆରବନ୍ଧ ମାତ୍ର ପଚାଶଫୁଟ ଭିତରେ। ସାରା ଶରୀରରେ କ୍ଷତହୋଇ ରକ୍ତ ବୋହୁଥାଏ। ତା'ର ସେ'ସବୁକୁ ତିଳେମାତ୍ର ଖାତିର ନଥାଏ। ଗତରାତିର ଅନିଦ୍ରା, ଦିନଯାକ ବିଶ୍ରାମ ନାହିଁ କି ଖିଆପିଆ ନାହିଁ। ଘୁଷୁରିଘୁଷୁରି ରାସ୍ତାଉପରେ କୋଡିଏଫୁଟ ଅତିକ୍ରମ କଲାପରେ ପ୍ରଚୁର ରକ୍ତସ୍ରାବ ହେତୁ ରାଜପ୍ରାସାଦର ସେହି ଦୁଆରବନ୍ଧ ଆଡକୁ ହାତ ଲମ୍ବାଇ ଆଖି ବୁଜିଦେଲା। ସେହିଠାରେ ପରଶୁର ପ୍ରାଣବାୟୁ ଉଡିଗଲା। ମାତ୍ର ଦଶଫୁଟ ଦୂରତା ପାଇଁ ସେ ସବୁତକ ଜମି ହରେଇବା ସଙ୍ଗେସଙ୍ଗେ ନିଜପ୍ରାଣର ବି ଆହୁତି ଦେବାକୁ ହେଲା। ପ୍ରାୟ ବିସ୍ତାରବାଦୀ ଚିନ୍ତାଧାରା ରଖୁଥିବା ଲୋକମାନଙ୍କୁ କି ଦେଶମାନଙ୍କୁ ଏହି ଫଳ ଭୋଗିବାକୁ ହୁଏବୋଲି ନିଃସନ୍ଦେହରେ କୁହାଯାଇପାରେ। ଏକବିଂଶ ଶତାବ୍ଦୀର ବିଶ୍ୱ ବିସ୍ତାରବାଦୀଙ୍କର ନୁହେଁ ବରଂ ବିକାଶବାଦୀଙ୍କ ସପକ୍ଷରେ ହେବାଭଳି ଅନୁମାନ କରାଯାଏ।

ଏବେ ଚୀନର ବିସ୍ତାରବାଦୀ ମନୋଭାବ ଯୋଗୁଁ ଭାରତ ସହିତ ଗୁରୁତର ମତଭେଦ ସୃଷ୍ଟି ହୋଇଛି। ଭାରତର ସୀମା ସମସ୍ୟା କହିଲେ ମୁଖ୍ୟତଃ ଚୀନ୍ ସମସ୍ୟା। ଚୀନ୍‌ଠାରୁ ଭିତିରିଆ ସମର୍ଥନ ପାଇ ଉତ୍ତର-ପଶ୍ଚିମ ଦିଗରେ ପାକିସ୍ଥାନ ଭାରତ ସହିତ ବାରମ୍ବାର ସିଜ୍‌ଫାୟାର୍ ଉଲ୍ଲଙ୍ଘନ କରିବାରେ ଲାଗିଛି। ଚୀନ ଓ ଭାରତ ଉଭୟେ ପୃଥିବୀର ପ୍ରାଚୀନ ସଭ୍ୟରାଷ୍ଟ୍ର। ପରସ୍ପର ପଡୋଶୀ ଥିବାହେତୁ ଧାର୍ମିକ, ସାଂସ୍କୃତିକ, ଅର୍ଥନୈତିକ ଓ ରାଜନୈତିକ ସମ୍ପର୍କ ପୁରାକାଳରୁ ଅଛି। ଦିନେ ବୁଦ୍ଧଦେବଙ୍କ ବାଣୀ ପୁରା ଏସିଆ ମହାଦେଶକୁ ବାଟ ଦେଖାଉଥିଲା। ସତ୍ୟ ଓ ଅହିଂସାର ପୂଜାରୀ ବୁଦ୍ଧଙ୍କର ରାସ୍ତାରେ ଚୀନ୍ ଚାଲୁଚାଲୁ ହଠାତ୍ ବ୍ୟତିକ୍ରମ ଦେଖାଦେଇଛି। ଅଷ୍ଟାଦଶଶତାବ୍ଦୀର ପ୍ରାରମ୍ଭରେ ସାମ୍ରାଜ୍ୟବାଦ ପ୍ରଭାବରୁ ଉଭୟେ ଚୀନ ଓ ଭାରତ ନିଜକୁ ମୁକ୍ତ ରଖିବାକୁ ନିଶ୍ଚୟ କରିଥଲେ। ୧୯୩୭ରେ ଚୀନ୍ ଓ ଜାପାନ ଭିତରେ ଯୁଦ୍ଧହେବା ସମୟରେ ଚୀନ୍‌ପ୍ରତି ଭାରତ ସହାନୁଭୂତି ଦେଖାଇ ଜାପାନୀଦ୍ରବ୍ୟ ବର୍ଜନ କରିବାପାଇଁ ନିଷ୍ପତ୍ତି ନେଇଥିଲା। ଏହାପରେ ଚ୍ୟାଙ୍ଗ କାଇଶେକ୍ ୧୯୪୨ରେ ଭାରତଭ୍ରମଣରେ ଆସି ଆମ ସ୍ୱାଧୀନତା ସଂଗ୍ରାମକୁ ସମର୍ଥନ ଜଣାଇଥିଲେ। ଚୀନକୁ ଜାତିସଂଘର ସଭ୍ୟ ଶ୍ରେଣୀଭୁକ୍ତ କରିବାକୁ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀଙ୍କର ଅଗ୍ରଣୀ ଭୂମିକା ଥିଲା, ଯେଉଁ ଶକ୍ତିବଳରେ ଚୀନ ପାକିସ୍ଥାନକୁ ସାହାଯ୍ୟ କରିବାକୁ ଯାଇ ଆଜି ଭାରତକୁ ଅଡୁଆରେ ପକାଉଛି। ସୀମାବିବାଦର ଅଫଂଆରମ୍ଭ ତିବ୍ବତ ରାଜ୍ୟରୁ। ହିମାଳୟର ଉପରିଭାଗରେ ଏହି ଛୋଟିଆ ତିବ୍ବତ ରାଜ୍ୟ ଅବସ୍ଥିତ। ଚୀନ ସାଙ୍ଗରେ ୧୯୧୧ ମସିହାରେ ସ୍ୱାଧୀନ ହୋଇଥିଲା। ଚୀନ୍‌ର ସଦାସର୍ବଦା ନିଜର ସାର୍ବଭୌମତ୍ୱ ତିବ୍ବତ ଉପରେ ଜାହିର କରିବାରେ ଇଚ୍ଛା। କିନ୍ତୁ ତିବ୍ବତବାସୀଙ୍କର ସବୁବେଳେ ସ୍ୱାଧୀନ ରହିବାପାଇଁ ମନ। ତିବ୍ବତର ଲୋକମାନେ ଦଲାଇଲାମାଙ୍କୁ ତାଙ୍କର ଶାସନମୁଖ୍ୟ ରୂପେ ମାନନ୍ତି। ଚୀନ୍ ତିବ୍ବତକୁ ନିଜସାଥିରେ ମିଶାଇଦେବାର ମନସାରଖି ଦଲାଇଲାମାଙ୍କୁ ବହୁବାର ନିର୍ଯ୍ୟାତନା ଦେଇଛନ୍ତି। ୧୭୦୬ରେ ତତ୍କାଳୀନ ଦଲାଇଲାମାଙ୍କୁ ମୃତ୍ୟୁଦଣ୍ଡ ଦେଇଥିଲା। ଚୀନ୍‌ଭୟରେ ଦଲାଇଲାମା ଭାରତରେ ସସମ୍ମାନେ ରାଜଶରଣାର୍ଥୀ ପରି ଅନେକ ବର୍ଷ ବିତାଇଛନ୍ତି। ତିବ୍ବତ ଉପରେ ଏବେ ବି ଚୀନ୍‌ର ଲୋଲୁପଦୃଷ୍ଟି ଅଛି ଏବଂ ଚୀନ୍‌ର ଏହି ବିସ୍ତାରବାଦୀ ରାସ୍ତାରେ ଭାରତ କଂଟା ହେଉଥିବାରୁ ଚୀନ ଭାରତ ସହ ଶତ୍ରୁପରି ଆଚରଣ କରୁଛି।

୧୯୧୪ ମସିହାରେ ବ୍ରିଟିଶ ପ୍ରତିନିଧି ମ୍ୟାକ୍‌ମହନ୍‌ଙ୍କ ଅଧକ୍ଷତାରେ ସିମ୍‌ଲାଠାରେ ଭାରତ-ଚୀନ-ତିବ୍ବତ ପ୍ରତିନିଧିମାନଙ୍କୁ ନେଇ ଏକ ସମ୍ମିଳନୀର ଆୟୋଜନ ହୋଇ ଭାରତ ଓ ଚୀନ ସୀମାରାଖା ନିର୍ଣ୍ଣୟ କରାଯାଇଥିଲା ଯାହାକୁ ସଦାବେଳେ ଭାରତ ମାନ୍ୟତା ଦେଇଆସିଛି। କିନ୍ତୁ ଚୀନ୍ ଏହାକୁ ଆଦୌ ମାନେନି। ଏହା ସୀମା ବିବାଦର ଦ୍ୱିତୀୟ କାରଣ। ୧୯୬୨ରେ ହଠାତ୍ ଚୀନ୍ ଅରୁଣାଚଳପ୍ରଦେଶ ଅଂଚଳରେ ସୈନ୍ୟ ମୁତୟନକରି ଅତର୍କିତ ଯୁଦ୍ଧଘୋଷଣା କରିବାବେଳେ ଭାରତ ପ୍ରସ୍ତୁତ ନଥିବାରୁ ଅନେକ ଅଂଚଳ ଚୀନସେନା କବଳକୁ ଚାଲିଗଲା। ଚୀନ ଭାରତ ସହ ଛଳକପଟର ଆଶ୍ରୟ ନେଇ ହିନ୍ଦୀ-ଚୀନ ଭାଇଭାଇ କହି ବହୁତ ଅଂଚଳ ଦଖଲ କରିନେଲା। ଏବକାର ରାଜନୀତି ବିଶେଷଜ୍ଞ ମାନେ କୁହନ୍ତି ଯେ ଏଥିପାଇଁ ପ୍ରକୃତରେ ଦାୟୀ ତତ୍କାଳୀନ ପ୍ରଧାନମନ୍ତ୍ରୀ , କିନ୍ତୁ ସେତେବେଳେ ତାଙ୍କର ଦବ୍‌ଦବା ଆଗରେ କେହି ଜଣେ ବି ସତ୍ୟ କହିବାକୁ ସାହସ କରି ପାରୁନଥିଲେ। ତେଣୁ ଭାରତର ଏହି ଯୁଦ୍ଧରେ ପରାସ୍ତ ଏବଂ ଚୀନର ଅତିକ୍ରମଣ ସହ ଅନେକ ଭାରତୀୟ ଅଂଚଳକୁ ଦଖଲକରିବାର ଦୋଷ ମୁଣ୍ଡେଇଲେ ତତ୍କାଳୀନ ରକ୍ଷାମନ୍ତ୍ରୀ କୃଷ୍ଣ ମେନନ୍। ତା'ଙ୍କୁ ପରୋକ୍ଷରେ କମ୍ୟୁନିଷ୍ଟପ୍ରୀତିର ପୃଷ୍ଠପୋଷକ ବୋଲି ପରିଚିତକରାଇ ସର୍ବସାଧାରଣରେ ନିନ୍ଦିତ କରାଗଲା। ଭାରତର ଉତ୍ତର-ପଶ୍ଚିମ ସୀମାନ୍ତରେ ଅବସ୍ଥିତ ସିଆ-ଚୀନ ଅଂଚଳ ବି ସୀମା ବିବାଦର ତୃତୀୟ କଡି। ୧୯୬୨ ଯୁଦ୍ଧପରେ ଚୀନ୍ ଏହାକୁ ଚାଲାକକରି ପାକିସ୍ଥାନକୁ ଦେଇଦେଇଛି, କିନ୍ତୁ ନିଜ ଆୟତ୍ତରେ ରଖିଲାପରି ରଖିଛି। ଏହି ବାଟଦେଇ ଚୀନ୍ ଓ ପାକିସ୍ଥାନର ଗମନାଗମନ ପଥ ଏବଂ ସଡକ ପରିବହନ ବ୍ୟବସ୍ଥା ଚାଲିଛି, ଯାହାକି ସାମରିକ ଦୃଷ୍ଟି କୋଣରୁ ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
ଶୁକ୍ରବାର, ଜୁଲାଇ ୧୦, ୨୦୨୦

କପୁରଥଲା

ପଞ୍ଜାବର କପୁରଥଲାରେ ଦେଖିବାକୁ ମିଳେ ଉତ୍କୃଷ୍ଟ ବାସ୍ତୁକଳାର ଅନେକ ଉଦାହରଣ । ସେଥିପାଇଁ କପୁରଥଲାକୁ ପଞ୍ଜାବର ପ୍ୟାରିସ ବୋଲି କୁହାଯାଏ । ଏହି ସହରର ବାସ୍ତୁକଳା ଇଣ୍ଡୋ-ସାରାସେନିକ ଏବଂ ଫ୍ରେଞ୍ଚ ଶୈଳୀରେ ନିର୍ମାଣ କରାଯାଇଛି । କେବଳ ବାସ୍ତୁକଳା ନୁହଁ, ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ ମଧ୍ୟ ଏଠି ଭରପୂର । ଏହି ସହରରେ ଅନେକ ଐତିହ୍ୟର ଝଲକ ମଧ୍ୟ ଦେଖିବାକୁ ମିଳେ । କପୁରଥଲାକୁ ରାଜପୁତ କବିଲେଙ୍କ ଦ୍ୱାରା ଏକାଦଶ ଶତାବ୍ଦୀରେ ସ୍ଥାପିତ କରାଯାଇଥିଲା । ଏହି ସହରରରେ ପୂର୍ବରୁ ମହାନ ରାଜା ଆଲୁଓ୍ୱାଲିୟା ରାଜବଂଶଙ୍କ ଶାସନ ଥିଲା । ଯାହାର ପ୍ରତିଛବି ଆଜି ବି ଏଠି ଜୀବିତପ୍ରାୟ । ପ୍ରାଚୀନ କାନ୍ଥଗୁଡ଼ିକରେ ଐତିହ୍ୟ ଏବଂ ସଂସ୍କୃତିର ଛବି ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ । କପୁରଥଲାରେ ରହିଛି ଅନେକ ଦର୍ଶନୀୟସ୍ଥାନ । ଯାହାକୁ ଦେଖିବାକୁ ସବୁ ସମୟରେ ପର୍ଯ୍ୟଟକଙ୍କ ଭିଡ଼ ରହିଥାଏ ।

ଏଲିସି ମହଲ:

୧୯୬୨ରେ ବିକ୍ରମ ସିଂହଙ୍କ ଦ୍ୱାରା ଏହି ମହଲକୁ ନିର୍ମାଣ କରାଯାଇଥିଲା । ଏହାକୁ ଇଣ୍ଡୋ-ଫ୍ରେଞ୍ଚ ବାସ୍ତୁକଳା ଶୈଳୀରେ ନିର୍ମାଣ କରାଯାଇଛି । କିନ୍ତୁ ଏହି ମହଲକୁ ବର୍ତ୍ତମାନ ମୋଣ୍ଟଗୋମେରି ଗୁରୁ ନାନକ ସ୍କୁଲରେ ପରିବର୍ତ୍ତନ କରାଯାଇଛି ।

ଜଗତଜିତ୍ ମହଲ:

କପୁରଥଲାର ପୂର୍ବ ମହାରାଜା ଜଗତଜିତ ସିଂହ ଏହି ମହଲରେ ରହୁଥିଲେ । ଏହାର ଅସ୍ତିତ୍ୱ ୧୯୦୮ରୁ । ଏହି ଭବ୍ୟ ମହଲକୁ ଇଣ୍ଡୋ-ସାରାସେନିକ ବାସ୍ତୁକଳା ଶୈଳୀରେ ତିଆରି କରାଯାଇଛି । ଏହି ମହଲରେ ଜାତୀୟ ପ୍ରତିରକ୍ଷା ଏକାଡେମି ପାଇଁ ପୁରୁଷଙ୍କୁ ପ୍ରଶିକ୍ଷଣ ଦେବାକୁ ଏକ ସୈନିକ ସ୍କୁଲ ରହିଛି । ଏହା କପୁରଥଲାର ସବୁଠୁ ସୁନ୍ଦର ସ୍ଥାନ ମଧ୍ୟରୁ ଅନ୍ୟତମ ।

କାଂଜଲି ୱେଟଲ୍ୟାଣ୍ଡ:

୧୮୭୦ ରେ ଏହା ବ୍ୟାସ ନଦୀର ନିକଟରେ ତିଆରି ହୋଇଥିଲା । ନଦୀର ଆଖପାଖ ଅଞ୍ଚଳରେ ସିଞ୍ଚନର ସୁବିଧା ପ୍ରଦାନ କରିବା ପାଇଁ ୫୬ ବର୍ଗମିଟର ଭୂମିକୁ କାଂଜଲି ୱେଟଲ୍ୟାଣ୍ଡର ପରିବର୍ତ୍ତନ କରାଯାଇଥିଲା । ଏହି ମାନବ ନିର୍ମିତ ସ୍ଥଳ ପିକନିକ୍ ପାଇଁ ସବୁଠୁ ଭଲ ଜାଗା । ପ୍ରାକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ ସ୍ଥାନୀୟ ଲୋକଙ୍କ ସହ ଫଟୋ ଉଠାଇବା ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ ।

ଶାଲିମାର ଗାର୍ଡେନ:

ସୁନ୍ଦରା ବାସ୍ତୁକଳା ପାଇଁ ଶାଲିମାର ଗାର୍ଡେନ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥାଏ । ଏହି ସ୍ଥାନଟି ପର୍ଯ୍ୟଟକଙ୍କୁ ଶାନ୍ତି ଦେଇଥାଏ । ଚତୁପାର୍ଶ୍ୱରେ ଫୁଲ ବିଛୁରିତ ହୋଇଥାଏ । ଏଠାରେ ଘଣ୍ଟ ଘଣ୍ଟା ବସି ପର୍ଯ୍ୟଟକମାନେ ସୌନ୍ଦର୍ଯ୍ୟକୁ ଉପଭୋଗ କରିଥାନ୍ତି ।



କେତେବେଳେ ଆସିବେ:

ଆକ୍ଟୋବରରୁ ମାର୍ଚ୍ଚ ଶୀତ ସମୟରେ କପୁରଥଲା ବୁଲାବୁଲି କରିବାର ସବୁଠୁ ଭଲ ସମୟ । ଏହି ସମୟରେ ତାପମାତ୍ରା ଥଣ୍ଡା ରହିଥିବାରୁ ବୁଲାବୁଲି କରିବାରେ ଅସୁବିଧା ନଥାଏ ।

କେମିତି ଆସିବେ:

କପୁରଥଲାର ନିକଟତମ ବିମାନବନ୍ଦର ଅମୃତସର ସ୍ଥିତ ରାଜା ସାଂସ ଆନ୍ତର୍ଜାତିକ ବିମାନବନ୍ଦର । ଏହା କପୁରଥଲାରୁ ୮୨ କିମି ଦୂରରେ ଅବସ୍ଥିତ । ରେଳ ଯୋଗେ ଆସିବାକୁ ଚାହୁଁଥିଲେ ମଧ୍ୟ ଆସିପାରିବେ । କପୁରଥଲା ରେଳଷ୍ଟେସନ ଦେଶର ପ୍ରମୁଖ ସହର ସହିତ ସଂଯୋଗ । ବସ୍ କିମ୍ବା ପ୍ରାଇଭେଟ ଗାଡ଼ି ଦ୍ୱାରା ମଧ୍ୟ କପୁରଥଲା ପହଞ୍ଚିପାରିବେ ।

୫ପିସ୍ ଚିକେନ୍ ଟାଙ୍ଗଡ଼ିର ମୂଲ୍ୟ ୭୦ ହଜାର

ପେଟକୁ ଦୁଇମୁଠା ଠିକରେ ଦାନା ଦେବା ପାଇଁ ଲୋକେ କେତେ କଣ କରୁଛନ୍ତି । ବିଶ୍ୱରେ ୬୦% ଲୋକ ଅର୍ଥାଭାବରୁ ମୁଠାଏ ଖାଇବା ମଧ୍ୟ ପାଉନାହାନ୍ତି । ଆଉ ଏପରି ବି ଲୋକ ଅଛନ୍ତି ଯେଉଁମାନେ ୭୦ହଜାର ଟଙ୍କା ଦେଇ ଚାରି ପିସ୍ ଚିକେନ ଖାଉଛନ୍ତି । ନ୍ୟୁୟର୍କ ସହରର ଏନ୍ସ୍ୱର୍ଥ ଏନଓ୍ୱାଇସି ନାମକ ଏକ ରେଷ୍ଟୁରାଣ୍ଟ ତାର ଚିକେନ ମେନ୍ୟୁକୁ ନେଇ ଏବେ ବଡ଼ ଚର୍ଚ୍ଚାରେ । ଫୁଡଗଡ଼ ନାମକ ଜଣେ ବ୍ୟକ୍ତି ଏହି ଚିକେନ ମେନ୍ୟୁକୁ ପ୍ରସ୍ତୁତ କରିଥିଲା ବେଳେ ତାକୁ ରେଷ୍ଟୁରାଣ୍ଟରେ ଉପଲବ୍ଧ କରାଯାଇଛି । ଏହି ମେନ୍ୟୁରେ ଚିକେନ ଟାଙ୍ଗଡ଼ି ଉପରେ ସୁନାର ପରସ୍ତ ବଢ଼ାଯାଇଛି। ସାଧାରଣ ଦେଖାଯାଉଥିବା ଏହି ଡିସରେ ସୁନା ପାଣି ଢ଼ଳା ଯାଇଥାଏ । ସିଝିବା ପରେ ଏହା ଉପରେ ସୁନା ପାଉଡର ଛିଞ୍ଚା ଯାଇଥାଏ ଚିକେନକୁ ପ୍ରଥମେ ୧୨ଘଣ୍ଟା ଲେମ୍ବୁପାଣିରେ ଭିଜା ଯାଇଥାଏ । ପରେ ଟାଙ୍ଗଡିଗୁଡ଼ିକୁ ଅଦା ଏବଂ ଲଙ୍କାରେ ମାରିନେଟ୍ କରାଯାଏ । ଏହାପରେ ଫ୍ରାଏ କରାଯାଇଥାଏ ଚିକେନକୁ । ଫ୍ରାଏ ଚିକେନକୁ ୨୪ କ୍ୟାରେଟ ସୁନା ପାଣିରେ ବତୁରାଯାଏ । ଶେଷ ପର୍ଯ୍ୟାୟରେ ଏଥିରେ ସୁନା ପାଉଡର ଛିଞ୍ଚାଯାଇ ଗ୍ରାହକଙ୍କୁ ପରସା ଯାଇଥାଏ । ଗୋଟିଏ ପ୍ଲେଟରେ ୫ଟି ଟାଙ୍ଗଡ଼ି ରହିଥିଲା ବେଳେ ଏହାର ମୂଲ୍ୟ ପାଖାପାଖି ୭୦ହଜାର ଟଙ୍କା ।

ମୋଜାର କରାମତି



ଆମେ ପ୍ରତିଦିନ ଜୋତା ଓ ମୋଜା ପିନ୍ଧିବା ଉଚିତ । ଏହାଦ୍ୱାରା ପାଦ ଅପରିଷ୍କାର ହୋଇନଥାଏ । ମୋଜା କେବଳ ପାଦକୁ ଅପରିଷ୍କାର ହେବାରୁ ରକ୍ଷା କରେ ତା ନୁହେଁ, ଏହା ଆମକୁ ସୁସ୍ଥ ରଖିବାରେ ମଧ୍ୟ ସାହାଯ୍ୟ କରିଥାଏ । ମୋଜା ପିନ୍ଧି ଶୋଇବା ଦ୍ୱାରା ଗୋଡି ଫାଟି ନଥାଏ । ଓ ନରମ ରହିଥାଏ । ସାଧାରଣତଃ ବିଛଣାରୁ ଉଠିବା ପରେ ଗୋଇଠି ଶୁଷ୍କ ହୋଇଯାଏ । ତେଣୁ ଶୋଇବା ସମୟରେ ମୋଜା ପିନ୍ଧି ଶୋଇବା ପରେ ଅନେକ ଲୋକଙ୍କ ପାଦ ଥଣ୍ଡା ପଡ଼ିଯାଏ । ତେଣୁ ମୋଜା ପିନ୍ଧି ଶୋଇବା ଫଳରେ ପାଦ ଉଷୁମ ରହିଥାଏ । ଯାହାକୁ ଆମେ ହାଇପ୍ରୋହାଇଡ୍ରେସିସ୍ କହିଥାଏ । ପାଦରୁ ଅଧିକ ଝାଳ ବାହାରୁଥିଲେ ମୋଜା ପିନ୍ଧି ଶୋଇବା ଉଚିତ । ଏହା ଦ୍ୱାରା ଦୁର୍ଗନ୍ଧ ଓ ବ୍ୟାକ୍ଟେରିଆ ଠାରୁ ମୁକ୍ତି ମିଳିବା ସହ ସଂକ୍ରାମକ ରୋଗ ହୋବାର ସମସ୍ୟାର କମ ଦେଖାଦେଇଥାଏ । ପଦ ଶରୀରର ଏପରି ଏକ ଅଂଶ ଯାହା ଶରୀରର ଓଜନକୁ ସନ୍ତୁଳିତ ରଖିଥାଏ । ଏହି କାରଣରୁ ବେଳେବେଳେ ପାଦରେ ଯନ୍ତ୍ରଣା ଅନୁଭବ ହୋଇଥାଏ । ପାଦର ଏହିସବୁ ସମସ୍ୟାକୁ ଆମକୁ ମୋଜା ରକ୍ଷା କରିଥାଏ ।

ଡାକ୍ତରଖାନାରେ ଭର୍ତ୍ତି ପାଇଁ ଦେଖାହେଉଛି ରୋଗୀଙ୍କ କୁଣ୍ଡଳୀ ଗ୍ରହ

ଡାକ୍ତରମାନେ ସାଧାରଣତଃ ଜ୍ୟୋତିଷ, ଭୂତ, ପ୍ରେତ ଆଦି ଧାର୍ମିକ ବିଷୟ ଉପରେ ବିଶେଷ ଭରସା କରନ୍ତି ନାହିଁ ଚିକିତ୍ସା ସମୟରେ । ହେଲେ ଏପରି ଏକ ଡାକ୍ତରଖାନା ଅଛି ଯେଉଁଠାରେ ଡାକ୍ତରମାନେ ଜ୍ୟୋତିଷଙ୍କ ସହଯୋଗରେ ରୋଗୀଙ୍କ ଚିକିତ୍ସା କରିଥାଆନ୍ତି । ଜୟପୁର ସ୍ଥିତ ୟୁନିକ୍ ସଙ୍ଗୀତା ମେମୋରିଆଲ ଡାକ୍ତରଖାନାରେ ରୋଗୀଙ୍କ ଚିକିତ୍ସା ପୂର୍ବରୁ ପ୍ରଥମେ ସେମାନଙ୍କର କୁର୍ଣ୍ଣଳୀ ଦେଖାଯାଇଥାଏ । ଏହି ଡାକ୍ତରଖାନାରେ ସମସ୍ତ ଆଧୁନିକ ଯନ୍ତ୍ରପାତି ଥିଲେ ମଧ୍ୟ ଡାକ୍ତରମାନେ ଚିକିତ୍ସା ପୂର୍ବରୁ ଜ୍ୟୋତିଷଙ୍କ ପରାମର୍ଶ ନେଇଥାଆନ୍ତି । ଚଳିତବର୍ଷ ଫେବୃଆରୀରେ ରାଜସ୍ଥାନ କଂଗ୍ରେସ ସରକାର ଦ୍ୱାରା ଏହି ଡାକ୍ତରଖାନାର ଉଦଘାଟନ କରାଯାଇଥିଲା । ଏଠାରେ ଔଷଧ କାଉଣ୍ଟର ସହ ଏକ ଜ୍ୟୋତିଷ କାଉଣ୍ଟର ମଧ୍ୟ ଖୋଲାଯାଇଛି । ଏଠାରେ ଆୟୁର୍ବେଦ, ଯୋଗ, ଜ୍ୟୋତିଷ ସୁବିଧା ରହିଛି । ଏଠାକୁ ରୋଗୀ ଆସିବା ପରେ ପ୍ରଥମେ ସେମାନଙ୍କୁ ଜ୍ୟୋତିଷଶ କାଉଣ୍ଟରକୁ ପଠାଯାଇଥାଏ । ସେଠାରେ ତାଙ୍କର କୁଣ୍ଡଳୀ ପ୍ରସ୍ତୁତ ହୁଏ । କୁଣ୍ଡଳୀ ଦେଖି ରୋଗୀଙ୍କର ରୋଗ ସମ୍ପର୍କରେ ସୂଚନା ମିଳିବା ପରେ ସେହି ଅନୁସାରେ ରୋଗୀଙ୍କର ଚିକିତ୍ସା କରାଯାଇଥାଏ ।

ଆସନ୍ତା ବର୍ଷ ଚନ୍ଦ୍ରକୁ ଯିବ ଉପକରଣ

୧୯୭୦ ପରେ ପ୍ରଥମ ଥର ଚନ୍ଦ୍ର ପୃଷ୍ଠକୁ ଉପକରଣ ପଠାଇବାକୁ ଯୋଜନା କରୁଛି ନାସା । ୨୦୨୪ରେ ଚନ୍ଦ୍ରକୁ ମାନବ ପ୍ରେରଣ ମିସନ ପୂର୍ବରୁ ୨୦୨୦ ଓ ୨୦୨୧ ବେଳକୁ ଉପକରଣ ପଠାଇବାକୁ ଏହାର ଯୋଜନା ରହିଛି । ଚନ୍ଦ୍ରକୁ ବିଭିନ୍ନ ଗବେଷଣାତ୍ମକ ଉପକରଣ ପଠାଇବା ପାଇଁ ଆମେରିକୀୟ ମହାକାଶ ଏଜେନ୍ସି ଆମେରିକୀୟ କମ୍ପାନି ଆଷ୍ଟ୍ରୋବୋଟିକ୍, ଇଥନଟୁଇସିଭ୍ ମେସିନ୍ସ ଓ ଅରବିଟ୍ ବିୟୋଣ୍ଡକୁ ଚୟନ କରିଛି । ପ୍ରତ୍ୟେକ କମ୍ପାନି ଭିନ୍ନ ଭିନ୍ନ ଆକାରବିଶିଷ୍ଟ ଲୁନାର ଲ୍ୟାଣ୍ଡର ପ୍ରସ୍ତୁତ କରିଛି । ଗୋଟିଏ ଡେଙ୍ଗା ଏବଂ ଅନ୍ୟ ଦୁଇଟି ଅପେକ୍ଷାକୃତ ଛୋଟ । ଏହି ଲ୍ୟାଣ୍ଡର ନାସା ଦ୍ୱାରା ପ୍ରଦତ୍ତ ପ୍ରାୟ ୨୩ ଛୋଟ ଉପକରଣ ଚନ୍ଦ୍ର ପୃଷ୍ଠରେ ପହଞ୍ଚାଇବେ । ଏଥିରେ ଯେଉଁ ସାମଗ୍ରୀ ରହିବ, ମହାକାଶଚାରୀଙ୍କୁ ପରେ ଭୂମିରେ ଅବତରଣ କରିବା ପାଇଁ ସାହାଯ୍ୟ ନିମନ୍ତେ ତଥ୍ୟ ଯୋଗାଇଦେବ । ଆଗକୁ ଯାତ୍ରା କରିବାକୁ ରାସ୍ତା ଦେଖାଇବ ଏବଂ ବିକିରଣରୁ ସେମାନଙ୍କୁ ସୁରକ୍ଷା ପ୍ରଦାନ କରିବ ।

ସ୍କର୍ଟ ପିନ୍ଧି ଅଫିସ ଆସିଲେ ମିଳୁଛି ଅଧିକ ପଇସା

ଋଷର ଏକ କମ୍ପାନୀ ଏବେ ତାର ନିଆରା ନିଷ୍ପତ୍ତି ନେଇ ବଡ଼ ଚର୍ଚ୍ଚାରେ । ଟେଟ୍‌ପ୍ରୋଫ ନାମକ ଏହି ଆଲୁମିନିୟମ ଉତ୍ପାଦନ କରୁଥିବା କମ୍ପାନୀ ମହିଳା କର୍ମଚାରୀଙ୍କୁ ସ୍କର୍ଟ ପିନ୍ଧି ଏବଂ ମେକଅପରେ ଅଫିସ ଆସିଲେ ପ୍ରତିଦିନ ଦେଉଛି ଅଧିକ ୧୦୬ ଟଙ୍କା । କର୍ମକ୍ଷେତ୍ରରେ ଏକ ଭିନ୍ନ ବାତାବରଣ ସୃଷ୍ଟି ପାଇଁ କମ୍ପାନୀ ପକ୍ଷରୁ ଗତି ଏକ ମାସ ଧରି ଏହି କାର୍ଯ୍ୟକ୍ରମ ଜାରି ରହିଛି । କମ୍ପାନୀର ଏହି ନିଷ୍ପତ୍ତିକୁ ନେଇ ଲୋକଙ୍କ ଭିତରେ ମିଶ୍ରିତ ପ୍ରତିକ୍ରିୟା ଦେଖିବାକୁ ମିଳିଛି । କମ୍ପାନୀ ପକ୍ଷରୁ ଯୁକ୍ତି ବଢ଼ାଯାଇଛି ଯେ, ଏହାଦ୍ୱାରା ମହିଳାଙ୍କ ମଧ୍ୟରେ ସଚେତନତା ସୃଷ୍ଟି ହେବା ସହ ସେମାନେ ନିଜକୁ ଅଧିକ ଫ୍ରେସ୍ ଅନୁଭବ କରିବେ । ଏହାଦ୍ୱାରା ସେମାନଙ୍କର କାମ କରିବାର ଆଗ୍ରହ ଆହୁରି ବଢ଼ିବ । କମ୍ପାନୀ ପକ୍ଷରୁ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମେ' ୨୭ରୁ ଆରମ୍ଭ ହୋଇଥିଲା ବେଳେ ଜୁନ୍ ୩୦ ପର୍ଯ୍ୟନ୍ତ ଚାଲିବ । ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ, ଏହି ବୋନସ ଅର୍ଥ ସେହି ମହିଳା କର୍ମଚାରୀଙ୍କୁ ମିଳୁଛି ଯେଉଁମାନେ ସ୍କର୍ଟ ଏବଂ ମେକଅପ୍ ସହ ନିଜ ଫଟୋ କମ୍ପାନୀକୁ ପଠାଉଛନ୍ତି ।

କଟନ୍ କପଡ଼ା ପରଖିବେ କେମିତି ?

ବଜାରରୁ ଶୁଦ୍ଧ ସୂତାକପଡ଼ା କିଣିବା ସମୟରେ କପଡ଼ାକୁ ସ୍ପର୍ଶ କରି ଅନୁମାନରେ କିଣିବାକୁ ପଡ଼ିଥାଏ । ଜଣାପଡ଼େ ନାହିଁ ଏହା ଅସଲ କଟନ୍ କି ନାହିଁ । ବେଳେ କଟନ ସହ ମିଶା କପଡ଼ା ମଧ୍ୟ ଆସିଥାଏ ଯାହା ଜଣାପଡ଼େ ନାହିଁ ଓ କପଡ଼ାର ଗୁଣ ହ୍ରାସ ପାଇଥାଏ । ତେବେ ଅସଲ କଟନ୍ କପଡ଼ା କିପରି ଜାଣିବେ ତାହା ଜାଣନ୍ତୁ । ପ୍ରଥମତଃ କପଡ଼ା କିଣିବା ସମୟରେ କପଡ଼ାକୁ ଭଲ ଭାବରେ ସ୍ପର୍ଶ କରନ୍ତୁ ଓ ଗୋଟେ କୋଣରୁ ଟିକିଏ କାଟନ୍ତୁ, ଯଦି କପଡ଼ାଟି ସହଜରେ କଟିଗଲା ତାହେଲେ ଜାଣିବେ ଏହା ଶୁଦ୍ଧ ସୂତାକପଡ଼ା । ସେହି କଟା ଖଣ୍ଡକୁ ନିଆଁରେ ପୋଡ଼ନ୍ତୁ, ଯଦି ଶୁଦ୍ଧ ସୂତା କପଡ଼ା ହୋଇଥାଏ ତେବେ ଏହା ଆରାମରେ ଜଳିଯିବ । ଜଳିବା ସମୟରେ ଯଦି ଶୁଦ୍ଧ ସୂତା କପଡ଼ା ହୋଇଥାଏ ତେବେ ଏହା ଆରାମରେ ଜଳିଯିବ । ଜଳିବା ସମୟରେ ଯଦି କପଡ଼ାରେ ଗଣ୍ଠି ପଡ଼େ ତାହେଲେ ସେଥିରେ ମିଶା କପଡ଼ା ଥାଏ ବୋଲି କୁହାଯାଏ । କଟନ ସୂତା କପଡ଼ା ତୁରନ୍ତୁ ଜଳିକତ ଧ୍ୱଂସ ହୋଇଯାଏ କିନ୍ତୁ ମିଶା କପଡ଼ା ଜଳିବା ସମୟରେ ଗଣ୍ଠି ହୋଇ ରହିଯାଏ । ସୂତା କପଡ଼ାକୁ ମଧ୍ୟ ଲାବ୍ରୋଟୋରୀରେ ପରୀକ୍ଷଣ କରାଯାଇପାରିବ ।

ସ୍ୱୟମ୍ଭୁନାଥ ମନ୍ଦିର

କାଠମାଣ୍ଡୁ ଉପତ୍ୟକାର ପାହାଡ଼ ଶୀର୍ଷରେ ଶୋଭାପାଏ ପ୍ରାଚୀନ ବୌଦ୍ଧସ୍ତୁପ ସ୍ୱୟମ୍ଭୁନାଥ ତିବତ୍ ଓ ତିବତୀୟ ବୌଦ୍ଧଧର୍ମାବଲମ୍ବୀଙ୍କ ପାଇଁ ଏହା ଆସ୍ଥାର ପ୍ରମୁଖ କେନ୍ଦ୍ର । ପ୍ରାଚୀନ ଶିଳ୍ପକଳାର ମଧ୍ୟ ଏକ ସୁନ୍ଦର ନମୁନା । ଏକାଧିକ ମନ୍ଦିର ମଧ୍ୟ ଭାଗରେ ସ୍ୱୟମ୍ଭୁନାଥ ଅବସ୍ଥାନ କରିଛନ୍ତି । ପଞ୍ଚମ ଶତାବ୍ଦୀରୁ ଏହି ଧାର୍ମିକ ସ୍ଥଳୀର ଉପସ୍ଥିତି ବିଷୟରେ ପ୍ରମାଣ ମିଳେ । ଏଠାରେ ଥିବା ପ୍ରତିଟି ମନ୍ଦିର ସୁନ୍ଦର ଭାବେ ଅଳଙ୍କୃତ ଓ ସୁନାରେ ସିତ । ଏହା କେବଳ ଏକ ଧାର୍ମିକ ସ୍ଥଳୀ ନୁହେଁ, ବିଶ୍ୱର ପର୍ଯ୍ୟଟକଙ୍କୁ ମଧ୍ୟ ଆକୃଷ୍ଟ କରେ । ଏଠାରେ ଏକ ବିବତୀୟ ମଠ, ସଂଗ୍ରହାଳୟ ଓ ପାଠାଗାର ଏଇ ନିକଟରେ ସ୍ଥାନ ପାଇଛି। ସ୍ତୁପରେ ବୁଦ୍ଧ ଦେବଙ୍କ ଆଖି ଓ ଭ୍ରୂଲତା ଅଙ୍କାହୋଇଛି ତାରି ମଧ୍ୟରେ ନାକ ରୂପେ ଦେବନାଗରୀ ଲିପିରେ ନମ୍ବର୧ ଅଙ୍କାଯାଇଛି । ବୌଦ୍ଧସ୍ତୁପ ପରେ ଏହା ଦ୍ୱିତୀୟ ସ୍ଥଳୀର ମାନ୍ୟତା ପାଇଛି । ସ୍ୱୟମ୍ଭୁ ପୁରାଣ ଅନୁସାରେ, ଏହି ସମଗ୍ର ଉପତ୍ୟକା ,କଦା ହ୍ରଦରେ ପରିପୂର୍ଣ୍ଣ ହୋଇଥିଲା । ତନ୍ମଧ୍ୟରୁ ପଦ୍ମ ଫୁଟିଲା । ତା'ପରେ ଉପତ୍ୟକାଟି ସ୍ୱୟମ୍ଭୁ ନାମରେ ପରିଚିତ ହେଲା, ଯାହାର ଅର୍ଥ 'ସ୍ୱୟଂ ସୃଷ୍ଟି' । ମନ୍ଦିରର ଉତ୍ତର ପଶ୍ଚିମ ଦିଗରେ ବହୁ ସଂଖ୍ୟାରେ ମାଙ୍କଡ଼ ଦେଖାଯାନ୍ତି । ବୌଦ୍ଧଧର୍ମାବଲମ୍ବୀ ଓ ଅନ୍ୟ ଶ୍ରଦ୍ଧାଳୁ ସେମାନଙ୍କୁ ପବିତ୍ର ବୋଲି ବିଶ୍ୱାସ କରନ୍ତି ।



ଜମିଜମାନେଇ ପୂର୍ବଶତ୍ରୁତାରୁ ହାତାହାତି : ମରଣାନ୍ତକ ଆକ୍ରମଣ

ଜଳେଶ୍ୱର, ୦୯/୭ (ନି.ପ୍ର): ରାଇବଣିଆ ଥାନା ଅନ୍ତର୍ଗତ ମାଗୁଣିପଡା ଗାଁ ଉପେନ୍ଦ୍ର ଘୋଷ ଓ ହାଡିବଂଧୁ ଘୋଷ, ଶୀତଳ ଘୋଷଙ୍କ ମଧ୍ୟରେ ଜମିବାଡିକୁ ନେଇ ଦୀର୍ଘଦିନରୁ ଗଣ୍ଡଗୋଳ ଘଟି ଆସୁଛି । ଜମି କମା ନେଇ ବାରମ୍ବାର ଗଣ୍ଡଗୋଳ ଘଟୁଥିଲେ ମଧ୍ୟ ଏହାର କୌଣସି ସମାଧାନ ହୋଇ ପାରୁନଥିଲା । ଗତ ୩ ତାରିଖରେ ଏକ ଇଜିମାଲି ସମ୍ପତ୍ତିରେ ଏକ ବଡ ଆକାଶିଆ ଗଛ କଟାକୁ କେନ୍ଦ୍ର କରି ଉଭୟ ପକ୍ଷ ମଧ୍ୟରେ ମାଡ ଗୋଳ ହେବାରୁ ଉପେନ୍ଦ୍ର ଘୋଷଙ୍କ ମୁଣ୍ଡ ଫାଟି ଅଂଗୁଳି କଟିଯିବାରୁ ତାର ସ୍ତ୍ରୀ ଆମ୍ବୁଲେନ୍ସ ଡକାଇଥିଲେ । କିନ୍ତୁ ପ୍ରତିପକ୍ଷ ହାଡିବଂଧୁ ଘୋଷ, ରାଜା ଘୋଷ, ହୁଣ୍ଡା ଘୋଷ, ଅଜୁ ଘୋଷ, ଶୀତଳ ଘୋଷ, ଲକ୍ଷ୍ମୀଧର ଘୋଷ ପ୍ରମୁଖ ଉପେନ୍ଦ୍ରକୁ ଆମ୍ବୁଲାନ୍ସ୍‌ରେ ଯିବାକୁ ଦେଇନଥିଲେ । ଆମ୍ବୁଲାନ୍ସ ଫେରିଯିବାପରେ ଉପେନ୍ଦ୍ରଙ୍କ ସ୍ତ୍ରୀ ନିକଟସ୍ଥ ସ୍ଥାନୀୟ ଲୋକଙ୍କ ସହାୟତାରେ ହାତୀଗଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ଏ ସଂପର୍କରେ ରାଇବଣିଆ ଥାନାରେ ଏକ ଲିଖିତ ଅଭିଯୋଗ ହୋଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନ ହେବାରୁ ଉପେନ୍ଦ୍ର ଭଂଜ ଜଳେଶ୍ୱର କୋର୍ଟରେ ମାମାଲା ରୁଜୁ କରିଛନ୍ତି ।

ସଜନାଗଡ ବଜାର ହେଲା ବିଶୋଧନ : ବସ୍ତୀ ସଂକ୍ରମଣ ନେଇ ଆଶଙ୍କା

ନୀଳଗିରି, ୦୯/୭ (ନି.ପ୍ର): ସମ୍ବାଦ ଖବର କାଗଜରେ ପ୍ରକାଶ ପରେ ନୀଳଗିରି ପ୍ରଶାସନ ତରଫରୁ ତତପରତା ପ୍ରକାଶ ପାଇଛି । ୬ ତାରିଖରେ ସଜନାଗଡ କ୍ୱାରେନଟାଇନ ସେଂଟରରେ ୧୨ ଜଣ ପ୍ରବାସୀଙ୍କର ସ୍ୱାବ ରିପୋର୍ଟ ପଜେଟିଭ ଆସିବା ପରେ ସଜନାଗଡ ଏବଂ ଆଖପାଖ ଅଂଚଳରେ କୋକୁଆଭୟ ଖେଳିଯାଇଛି । ନୀଳଗିରି ଉପଜିଲ୍ଲାପାଳ ହରିଶଚନ୍ଦ୍ର ଜେନାଙ୍କ ନିର୍ଦ୍ଦେଶରେ ନୀଳଗିରି ଅଗ୍ନିଶମ ବିଭାଗର ହାବିଲଦାରଙ୍କ ନେତୃତ୍ୱରେ ଏକ ୪ ଜଣିଆ ଟିମ ସଜନାଗଡ ବଜାର ସମେତ ସମସ୍ତ ଦୋକାନ, ମେଡିକାଲ, ଭୁଧାରଚଣ୍ଡୀ ମନ୍ଦିର, ପଂଚାୟତ ଅଫିସକୁ ଦିବା ୧୧ ଘଟିକା ସମୟରେ ବିଶୋଧନ କରାଯାଇଛି । ମାତ୍ର ପରିତାପର ବିଷୟ ଖବର ପ୍ରସାରଣ ପରେ ମଧ୍ୟ ହୋମ କ୍ୱାରେନଟାଇନ ଅଂଚଳରେ(କୁସୁମିଆ, ନୁଆସାହି, ବାଣିଆପଡା, ଜାମୁଡିହି) ଥିବା ପ୍ରବାସୀ ମାନଙ୍କର ବସ୍ତୀ ,ଘର, ନଳକୂପ ଇତ୍ୟାଦିକୁ ବିଶୋଧନ କରାଯାଇ ନଥିବାରୁ ତୁରନ୍ତ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ସୁପରସ୍ପ୍ରେଡର ବସ୍ତୀ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଉପେନ୍ଦ୍ର ନାୟକ, ସୂର୍ଯ୍ୟକାନ୍ତ ବେହେରା, ସଂଞ୍ଜୟ ନାୟକ, ଧିରେନ୍ଦ୍ର ନାୟକଙ୍କ ସମେତ ବହୁ ଅଂଚଳ ବାସୀ ଯଥାଶୀଘ୍ର ବିଶୋଧନ ପାଇଁ ପ୍ରଶାସନ ଠାରେ ଦାବୀ କରିଛନ୍ତି ।

ଅମାନିଆ ଙ୍କ ଉପରେ ଚଢ଼ାଉ ଖେଳ ସାମ୍ରଗୀ ଜବତ

ମାଲକାନଗିରି, ୦୯/୭ (ନି.ପ୍ର): ଦେଶରେ କରେନା ମହାମାରୀ ଉଗ୍ର ରୋପ ନେଇସାରିଲାଣି ଦିନକୁ ଦିନ ସଂକ୍ରମିତ ଙ୍କ ସଂଖ୍ୟାବୃଦ୍ଧି ପାଉଥିବା ବେଳେ ଏହାର ମୁକାବିଲା ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରାଣପଣେ ଚେଷ୍ଟା ଚଳାଇଛନ୍ତି । ଏଥିସହ କରୋନା ଭୁତାଣୁ ଠାରୁ ବର୍ତିବା ପାଇଁ ସମାଜିକ ଦୂରତ୍ୱ ମାସ୍କ ବ୍ୟବହାର ଏବଂ ଲୋକମାନେ ଗୋଟିଏ ସ୍ଥାନରେ ଜନଗହଳି ନକରିବାକୁ ସରକାର ବାରମ୍ବାର କହିଆସୁଥିବା ବେଳେ ଏ ନେଇ ମଧ୍ୟ କଡ଼ାକଡ଼ି ନିୟମ କରିଛନ୍ତି ଷ ନିୟମ ଉଲଘନ କାରୀଙ୍କ ଉପରେ ମୋଟା ଅଙ୍କର ଜୋରିମାନା ସାଙ୍ଗକୁ ଜାତୀୟ ବିପର୍ଯ୍ୟୟ ପରିଚାଳନା ଆଇନ ଅନୁଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ନିର୍ଦ୍ଦେଷ ରହିଛି ! କିନ୍ତୁ ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକର କେତେକ ସ୍ଥାନରେ ଲୋକମାନେ କରୋନାକୁ ନଡରି ସବୁ ନିୟମକାନୁନ କୁ ଫୁ କରି ଉଡ଼ାଇ ଦେଇଛନ୍ତି ମନଇଛା ବାହାରେ ବୁଲାବୁଲି କରିବା ସହ କ୍ରିକେଟ ଭଲିବଲ , ତାସ ଇତ୍ୟାଦି ଖେଳ ଚାଲିଥିବା ବେଳେ ଛୋଟ ଛୋଟ ପିଲାମାନଙ୍କୁ ନେଇ କୋଚିଂ ସେଣ୍ଟର କରିପାଠ ପଢାଇବା ଭଳି ଘଟଣା ଦେଖିବାକୁ ମିଳୁଛି !ତେବେ କାଲିମେଳା ଅଞ୍ଚଳ ରବିଭିନ୍ନ ସ୍ଥାନରେ କ୍ରିକେଟ ଏବଂ ଭଲବଲ ଖେଳଚାଲିଥିବା ଖବର ପାଇଁ ଆଜି କାଲିମେଳା ତହସିଲଦାର ତଥା ବ୍ଲକ କୋଭିଡ଼ ୧୯ର ନୋଡାଲ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ ଏହି ସ୍ଥାନ ଉପରେ ଚଢାଉ କରି ବହୁ କ୍ରିକେଟ ବେଟବଲ , ଭଲିବଲ ନେଟ ଇତ୍ୟାଦି ଜବତ କରିଛନ୍ତି । ବ୍ଲକ ଅନ୍ତର୍ଗତ ଏମପିଭି - ୨୩ , ଏମଭି - ୬ ୬ , ଆଦିବାସୀ କଲୋନୀ ଏବଂ କାଲିମେଳା ଆଦି ଅଂଚଳରେ ଏହି ଚଢାଉ କରାଯାଇଥିବା ଜଣାପଡିଛି ।ଏଥିସହ ଘରୋଇ ଟିଉସନ ଚାଲୁଥିବା ନେଇ ମଧ୍ୟ ଯାଞ୍ଚ କରାଯାଉଛି । ଏ ନେଇ ତହସିଲଦାର ସୁଚନା ଦେଇ କହିଛନ୍ତି ଯେ ବାରମ୍ବାର କହିବାପରେବି ଲୋକମାନେ ନିୟମ ମାନୁନାହାନ୍ତି । ଏପରି ଆଗକୁ ଚଢାଉ ଜାରିରହିବ ଚଳିତ ବର୍ଷ ବୋଲବମ କାଉଡିଆକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । ଔଷଧ ଦୋକାନ ବ୍ୟତିତ ସମସ୍ତ ଦୋକାନ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଖୋଲିବାକୁ କୁହାଯାଇଛି ।ସାମାଜିକଦୂରତା କୁ ଯାଞ୍ଚ କରାଯାଉଛି ଏହାର ଖିଲାପ କଲେ ବ୍ୟବସାୟୀ ଅନୁଷ୍ଠାନ ମାନେ ଦଣ୍ଡିତ ହେବା ସହ ବିପର୍ଯ୍ୟୟ ଆଇନ ଧାରା ୫୧ ରୁ ୬୦ ଧାରା ଲାଗୁ କରାଯିବ । ଏହି ସମୟରେ ଥାନା ଏଏସଆଇ ମହେଶ୍ୱର ବୁଡବାଡ଼ି ଙ୍କ ସହ ଆରଆଇ ଜୟ କୁମାର ସାହୁ , ଦିବ୍ୟସିଂ ପାଇକରାୟ ଉପସ୍ଥିତ ରହିଥିଲେ ।

ଭେଜିପୁଟ ଫାଣ୍ଡି ଅଧିକାରୀ ନିଲମ୍ବିତ

ଗଞ୍ଜାମ, ୦୯/୭ (ନି.ପ୍ର): ଭେଜିପୁଟ ଫାଣ୍ଡି ଅଧିକାରୀ ନିଲମ୍ବିତ । ଫାଣ୍ଡି ଅଧିକାରୀ ଟୁନା ପିଡିକାଙ୍କୁ ନିଲମ୍ବନ କରିଛନ୍ତି ଗଞ୍ଜାମ ଏସପି ବ୍ରିଜେଶ ରାୟ । ଜନୈକା ଯୁବତୀଙ୍କୁ ପ୍ରତାରଣା କରିବା ଅଭିଯୋଗରେ ଗତକାଲି ସମ୍ପୃକ୍ତ ଫାଣ୍ଡି ଅଧିକାରୀଙ୍କୁ ଖଲ୍ଲିକୋଟ ଥାନା ପୋଲିସ ଗିରଫ କରିଥିଲା । ଘଟଣାରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଆଜି ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ରାୟ ।

ଡାକ୍ତରଖାନାରେ ଚିକିତ୍ସାର ଅବହେଳା ଅଭିଯୋଗ : ସିଡିଏମଓଙ୍କୁ ସାକ୍ଷାତ କଲା 'ନିଃସ୍ୱାର୍ଥ ସେବା' ସଂଗଠନ

ବାଲେଶ୍ୱର, ୦୯/୭ (ନି.ପ୍ର): ଚିକିତ୍ସାରେ ଅବହେଳା ନେଇ ବେଶ ଖ୍ୟାତି ଅର୍ଜନ କରିଥିବା ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସମ୍ପ୍ରତି କରୋନା ସ୍ଥିତି ପାଇଁ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ଯାଇଥିବା ଆରୋପ ଉଠିଛି । ବିଭିନ୍ନ ରୋଗ ପାଇଁ ଏଠାକୁ ଆସୁଥିବା ରୋଗୀଙ୍କୁ ଚିକିତ୍ସା କରିବାକୁ ଡାକ୍ତର କିମ୍ବା ନର୍ସମାନେ ଆଦୌ ଇଚ୍ଛା ପ୍ରକାଶ କରୁନଥିବା ରୋଗୀ ପରିବାର ଲୋକେ ଅଭିଯୋଗ କରିଛନ୍ତି । କରୋନାର ଭୟ ହେଉ କି ଇଚ୍ଛାଶକ୍ତିର ଅଭାବ ତାହା କେବଳ ପଦସ୍ଥ ଅଧିକାରୀମାନଙ୍କୁ ଜଣା । ଏନେଇ ବିଭିନ୍ନ ସଂଗଠନ ପକ୍ଷରୁ ଜିଲ୍ଲାପାଳ, ସିଡିଏମଓ ଏମିତିକି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଯାଉଛି । ଏହା ସତ୍ତ୍ୱେ ଡାକ୍ତର କିମ୍ବା ନର୍ସଙ୍କ ମାନସିକତାର ପରିବର୍ତ୍ତନ ହେଉ ନଥିବା ଜଣାଯାଇଛି । ଏହି ପରିପ୍ରେକ୍ଷୀରେ ସ୍ୱେଚ୍ଛାସେବୀ ସଂଗଠନ 'ନିସ୍ୱାର୍ଥ ସେବା'ର କର୍ମକର୍ତ୍ତାମାନେ ଆଜି ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଳ ସେନ୍‌ଜଗଦେବଙ୍କୁ ସାକ୍ଷାତ କରିଥିଲେ । ଛାତରୁ ଖସିପଡ଼ି ଆହତ ହୋଇଥିବା ନୀଳଗିରି ବଡ଼ବିଲ ଅଞ୍ଚଳର ଶରତ ସିଂହ ନାମକ ବ୍ୟକ୍ତି ଗତ ଶନିବାର ଦିନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ । ମାତ୍ର ତାଙ୍କୁ ଚିକିତ୍ସା କରିବାକୁ ଦୁଇଦିନରେ ବି ଥରେ ହେଲେ ଡାକ୍ତର ଆସୁ ନଥିବା ପରିବାର ଲୋକେ କହିଛନ୍ତି । ଏମିତିକି ଏମଆରଆଇ ପାଇଁ ବାରମ୍ବାର ଫେରୁଥିବା ସେମାନେ ଅଭିଯୋଗ କରିଛନ୍ତି । ଅତ୍ୟନ୍ତ ଗରିବ ପରିବାର ଶରତ ସିଂହଙ୍କୁ ଉଚିତ ସେବା ପ୍ରଦାନ ପାଇଁ 'ନିଃସ୍ୱାର୍ଥ ସେବା'ର କର୍ମକର୍ତ୍ତାମାନେ ସିଡିଏମଓ ଡାକ୍ତର ଜଗଦେବଙ୍କୁ ସାକ୍ଷାତ କରିବା ସହ ଏହାର ପ୍ରତିକାର ପାଇଁ ଦାବି କରିଥିଲେ । କେବଳ ଶରତ ସିଂହ ନୁହନ୍ତି, ବରଂ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଅଧିକାଂଶ ରୋଗୀଙ୍କୁ ଉଚିତ ସେବା ମିଳୁନି ବୋଲି ସେମାନେ ଅଭିଯୋଗ କରିଛନ୍ତି । ଏନେଇ ସଂଗଠନ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି ।

ରାଉରକେଲାକୁ ପଶିଲା କରୋନା, ୪ କଂଟେନମେଂଟ ଜୋନ୍ ଘୋଷଣା

ସରକାରୀ ଆଦେଶନାମା କେବଳ କାଗଜ ପତ୍ରରେ ସୀମିତ

ରାଉରକେଲା, ୦୯/୭ (ନି.ପ୍ର): ରାଉରକେଲା ସହରର ଉଭୟ ଇସ୍ପାତ ସହର ଓ ମହାନଗର ଇଲାକାରେ ବର୍ତମାନ କରୋନା ତାର ପ୍ରଭାବ ଦେଖାଇଥିବା ବେଳେ, ସହରକୁ ପ୍ରବେଶ କରୁଥିବା ଲୋକଙ୍କ ଉପରେ ପ୍ରଶାସନର ନିୟନ୍ତ୍ରଣ ରହୁନାହିଁ । ଫଳରେ ପ୍ରତିଦିନ ଓଡିଶା ଓ ଓଡିଶା ବାହାରୁ ଲୋକେ ସହରକୁ ପଶୁଥିଲେ ବି ସେମାନଙ୍କୁ ପ୍ରଶାସନ ନଜର ଦେଇ ପାରୁନାହିଁ । ନଜର ଦେବା ଲାଗି ହୋଇଥିବା ଆଦେଶନାମା କେବଳ ଆଦେଶ ନାମା ଭିତରେ ସିମିତ ରହିଛି । ବର୍ତମାନ ମିଳିଥିବା ସୂଚନା ଅନୁସାରେ ଜିଲ୍ଲାରେ ମୋଟ୍ ୪୭୧ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଆଜି ୭୮ଜଣ ଚିହ୍ନଟ ହୋଇଛନ୍ତି । ତା ଭିତରେ ରାଉରକେଲାର ସେକ୍ଟର ୧୬ ସାମିଲ ହୋଇ କଂଟେନମେଂଟ ଜୋନ ଭିତରେ ଥିବା ବେଳେ, ପରେ ଜବାପାନପୋଷ ସାମିଲ ହୋଇ କଂଟେନମେଂଟ ଯୋନ ଭିତରକୁ ଆସିଥିଲା । ଆଜି ପୁଣି ସହରର ବାସନ୍ତୀ କଲୋନୀ ଅଂଚଳର ୪ଟି ସ୍ଥାନକୁ କଂଟେନମେଟ ଯୋନ ଘୋଷଣା କରାଯାଇଛି । ସେଥିରେ ଗୋଲଘରର ବ୍ୟାରେକ ନମ୍ବର ୪କୁ କଂଟେନମେଂଟ ଯୋନ ଘୋଷଣା କରାଯାଇଥିବା ନେଇ ମହାନଗର ନିଗମ ପକ୍ଷରୁ ସୂଚନା ମିଳିଛି । ଏଥିରେ କିଏ କେଉଁ ଅଂଚଳରୁ ଆସି ଆକ୍ରାନ୍ତ ହୋଇଛନ୍ତି ସେ ନେଇ ସବିଶେଷ ବିବରଣୀ ମିଳିନଥିଲେ ବି ସେକ୍ଟର ୧୬ରେ ପ୍ରଥମେ ଚିହ୍ନଟ ଓ ପରେ ମୃତ୍ୟୁବରଣ କରିଥିବା ବୟସ୍କ ବ୍ୟକ୍ତି ବର୍ତମାନ ସୁପର ସ୍ପ୍ରେଡର ଥିଲେ ବୋଲି ବୋଲି କୁହାଯାଉଛି । କାରଣ ସେ ଅଂଚଳରେ ଆକ୍ରାନ୍ତଙ୍କ ସଂଖ୍ୟା ବଢି ଚାଲିଛି । ରାଉରକେଲାରେ ଏଭଳି ଅବସ୍ଥା ଥିବା ବେଳେ, ସହରକୁ ପ୍ରତିଦିନ ଓଡିଶାର ବିଭିନ୍ନ କୋଣ ଅନୁକୋଣରୁ ଲୋକେ ବସ୍, ରେଳ ଓ ଟାକ୍ସି ଯୋଗେ ପ୍ରବେଶ କରିଚାଲିଛନ୍ତି । ଆସୁଥିବା ଲୋକେ କେଉଁ ଅବସ୍ଥାରେ ଅଛନ୍ତି ତାଙ୍କର କୌଣସି ପ୍ରକାର ପରୀକ୍ଷା କରାଯାଉନାହିଁ ।ସେମାନେ ଆସୁଥିବା ଖବର ମଧ୍ୟ ପ୍ରଶାସନ ପାଉନାହିଁ । ଏଭଳି ସମସ୍ୟାର ସମାଧାନ ଲାଗି ଏକ ଆଦେଶ ନାମା ଏଡିଏମ ରାଉରକେଲା କରିଥିକଲେ, ମାତ୍ର ତାକୁ କାର୍ଯ୍ୟକାରୀ କରିବା ଲାଗି କୌଣସି ବିଭାଗ ବାହାରି ନଥିବାରୁ ସେ ଆଦେଶ କେବଳ ଆଦେଶରେ ରହିଯାଇଛି । ରାଉରକେଲାକୁ ପ୍ରତିଦିନ ଭୋର ୪ରୁ ୫ଟା ଭିତରେ ପାନପୋଷ ଛକ ରଙ୍ଗିଲା ଛକ ଦେଇ ଅନେକ ଟାକ୍ସି ପଶୁଥିବା ବେଳେ, ସକାଳ୬ଟାରୁ ୭ଟାରେ ୫ଟି ବସରେ ପାଖା ପାଖି ୧୫୦ ଲୋକ ସେକ୍ଟର ୨ ବସଷ୍ଟାଣ୍ଡରେ ଓହ୍ଲାଇ ଘରକୁ ଯାଉଛନ୍ତି । କିନ୍ତୁ ଏମାନଙ୍କୁ ଆଜିଯାଏ ଥରେ ହେଲେ ଦେଖିବା ଲାଗି ମଧ୍ୟ ପ୍ରଶାସନ ଚେଷ୍ଟା କରିନାହିଁ । ସେପଟେ ସହରରେ ଲୋକେ ସାମାଜିକ ଦୂରତାକୁ ଭୁଲି ସାରିଥିବା ବେଳେ, ମାସ୍କ ପିନ୍ଧା ମଧ୍ୟ କମିଛି । ଏହାକୁ ବାଧ୍ୟତାମୂଳକ କରିବାକୁ ଯାଇ ପ୍ରଶାସନିକ ବାବୁ ମାନେ ୨ ଦିନ ବଜାରରେ ବୁଲି ଫାଇନ କରିଦେବା ପରେ ଚୁପ୍ । ଏହା ପରେ ମହାନଗର ନିଗମ ତାର ଅଫିସକୁ ତାଲା ପକାଇ କାମ କରିବା ସହ ଲୋକଙ୍କୁ ଜିବା ଲାଗି ବାରଣ କରିଛି । ଯଦି କରୋନା ପରିଚାଳନା ଏହି ଭଳି ଚାଲେ ତେବେ ଆଗାମୀ ଦିନରେ ରାଉରକେଲାରେ ଆକ୍ରାନ୍ତଙ୍କ ସଂଖ୍ୟା ବଢିବା ନେଇ ଆଶଙ୍କା ପ୍ରକାଶ ପାଇଛି ।

କେନ୍ଦ୍ର ସରକାରଙ୍କ ବର୍ଷପୂର୍ତ୍ତିରେ ବିଜେପିର ଭର୍ଚୁଆଲ ରାଲି

ବାଲେଶ୍ୱର, ୦୯/୭ (ନି.ପ୍ର): କେନ୍ଦ୍ରର ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ପ୍ରଥମ ବର୍ଷ ପୂର୍ତ୍ତିକୁ ନେଇ ବାଲେଶ୍ୱରରେ ଏକ ଭର୍ଚୁଆଲ ର୍ୟାଲି ଆଜି ସଂଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ବିଜେପି ବାଲେଶ୍ୱର ଜିଲ୍ଲା ସଭାପତି ଏହି ଭର୍ଚ୍ୟୁଆଲ ର୍ୟାଲିର ସଭାପତିତ୍ୱ କରିବା ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରମୁଖ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ଏଥିରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ଗୋଟିଏ ବର୍ଷର ସଫଳତା ଓ ରାଷ୍ଟ୍ର ବିକାଶରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର, ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ,ନୀଳଗିରି ବିଧାୟକ ସୁକାନ୍ତ ନାୟକ, ପ୍ରବକ୍ତା ଠାକୁର ରଣଜିତ୍ ଦାସ, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ପର୍ଶୁରାମ ବେହେରା, ଶୋଭନା ମହାନ୍ତି, ପୂର୍ବତନ ଜିଲ୍ଲା ସଭାପତି ଲମ୍ବୋଦର ନାୟକଙ୍କ ସମେତ ଜିଲ୍ଲାର ସମସ୍ତ ବିଜେପି ମଣ୍ଡଳର ସଭାପତି ଏଥିରେ ଉପସ୍ଥିତ ଥିଲେ । ପ୍ରାରମ୍ଭର ଦିବଂଗତ ବିଧାୟକ ମଦନ ମୋହନ ଦତ୍ତଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା । ଜିଲ୍ଲା ମିଡିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ ଏଥିରେ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ନଗର ସଭାପତି ଚିତ୍ତରଂଜନ ପଣ୍ଡା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ବ୍ରହ୍ମପୁର ଏମକେସିଜି ମେଡିକାଲ ଓପିଡି ସର୍ବସାଧାରଣଙ୍କ ନିମନ୍ତେ ବନ୍ଦ

ଗଞ୍ଜାମ, ୦୯/୭ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ କରୋନା ସଂକ୍ରମଣ ଓ ସତର୍କତାକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ରହ୍ମପୁର ଏମକେସିଜି ମେଡିକାଲ ଆଉଟ ଡୋର୍ ପେସେଟଂ ଡିପାର୍ଟମେଂଟ (ଓପିଡି)କୁ ସର୍ବସାଧାରଣଙ୍କ ନିମନ୍ତେ ବନ୍ଦ କରାଯାଇଛି । ମେଡିକାର ପ୍ରବେଶ ପଥକୁ ମଧ୍ୟ ସିଲ୍ କରାଯାଇଛି । ସେଠାରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି । କେବଳ ଡାକ୍ତର ଓ ମେଡିକାଲ କର୍ମଚାରୀଙ୍କୁ ଭିତରକୁ ଯିବାକୁ ଅନୁମତି ମିଳିବ । କେବଳ ରେଫରାଲ୍ ଓ ଜରୁରୀକାଳୀନ ରୋଗୀ ଏହି ଡାକ୍ତରଖାନାକୁ ଆସିପାରିବେ । ମେଡିକାଲ ପରିସରରେ ସମସ୍ତେ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରାଯାଇଛି । ରୋଗୀ ସହ ଜଣେ ମାତ୍ର ଆଟେଣ୍ଡାଂଟ ରହିପାରିବ । ଏହି ନିର୍ଦ୍ଦେଶ ଜାରୀ କରିଛନ୍ତ ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତ କୁଲାଙ୍ଗେ । ମେଡିକାଲ କଲେଜ ସୁପରିଟେଣ୍ଡେଂଟଙ୍କୁ ଏନେଇ ନିର୍ଦ୍ଦେଶ ଜାରୀ କରିଛନ୍ତି ଜିଲ୍ଲାପାଳ ।

ଜିଲ୍ଲା ପେସା ଗ୍ରାମସଭା ପକ୍ଷରୁ ଜିଲ୍ଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଦାବୀପତ୍ର

ବାରିପଦା, ୦୯/୭ (ନି.ପ୍ର): ଆଜି ଜିଲ୍ଲା ପେସା ଗ୍ରାମସଭା ପକ୍ଷରୁ ମୟୂରଭ ଜିଲ୍ଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଥିବାର ଜଣାଯାଇଛି । ସେମାନଙ୍କର ପ୍ରମୁଖ ଦାବୀ ଗୁଡିକ ମଧ୍ୟରେ ଜିଲ୍ଲାରେ ଶ୍ରମୀକ ଭାବରେ କାମ କରି ଆସୁଥିବା ଏବଂ ବାହାରୁ ଫେରିଥିବା ଦାଦନ ଶ୍ରମୀକ ମାନଙ୍କୁ ଜିଲ୍ଲାରେ ପର୍ଯ୍ୟାପ୍ତ କାମ ଯୋଗାଇଦେବା, ଛାତ୍ରଛାତ୍ରୀ ମାଙ୍କ ପାଇଁ ଅନଲାଇନ ଶିକ୍ଷା ପ୍ରଦାନ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଆର୍ଥିକ ଅନଗ୍ରସରଙ୍କୁ ମୋବାଇଲ ସହାୟତା, ନାମମାତ୍ର ଚାଷୀ ମାନଙ୍କୁ ବିଭିନ୍ନ କୃଷି ସହାୟତା ଯୋଗାଇ ଦେବା, କୋଭିଡ-୧୯ରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ମାନଙ୍କୁ ପି.ପି.ଇ. କିଟ ଯୋଗାଇଦେବା, ଜନସାଧାରଣ ଯାଉଥିବା ସରକାରୀ କାର୍ଯ୍ୟାଳୟକୁ ନିୟମିତ ସାନିଟାଇଜ କରିବା ଆଦି ଦାବୀ କରାଯାଇଥିବାର ଜଣାଯାଇଛି । ଆଜିର ଏହି ଦାବୀପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ପେସା ଗ୍ରାମସଭାର ସଭାପତି ପାଣ୍ଡୁରାମ ହେମ୍ବ୍ରମଙ୍କ ନେତୃତ୍ୱରେ ସମ୍ପାଦକ ନନାରାମ ମୁର୍ମୁ, ସହସମ୍ପାଦକ ସୁରେନ୍ଦ୍ର ସୋରେନ, ଉପସଭାପତି ରାମଦାସ ମାରାଣ୍ଡି, କୋହାଧ୍ୟକ୍ଷ ଦୂର୍ଗାଚରଣ ମାରାଣ୍ଡି, ଉପ କୋଷାଧ୍ୟକ୍ଷ ପାଂଚୁ ଟୁଡୁ ପ୍ରମୁଖଙ୍କ ସହିତ ବହୁ ସଦସ୍ୟ ଓ କର୍ମକର୍ତା ଯୋଗ ଦେଇଥିଲେ ।

ସବୁଜ ଭାରତ ତରଫରୁ ୭୧ତମ ବନ ମହୋତ୍ସବ ପାଳିତ

ବଣଧୂଳିର ଫୁଲ ଦ୍ୱାରା ବାଲେଶ୍ୱର ଜିଲ୍ଲାର ହସ୍ତଶିଳ୍ପୀ କାରୀଗରଙ୍କୁ କୋଭିଡ୍-୧୯ ସଂକ୍ରମଣ କାଳରେ ସହାୟତା

ନୀଳଗିରି,୯।୭ (ନି.ପ୍ର): ବଣଧୂଳିର ଫୁଲ ନାମକ ଏକ ଟ୍ରଷ୍ଟ ତରଫରୁ ଗୁଞ୍ଜ ସଂଗଠନ ସହାୟତାରେ ନୀଳଗିରିର ସିଆଡିମାଳର ବାବନ୍ଧ ଗ୍ରାମରେ ଶତାଧିକ ମଦିଆ ଜନଜାତିର କୁମ୍ଭାର ହସ୍ତଶିଳ୍ପୀ କାରିଗରଙ୍କୁ କରୋନା ଭାଇରସ୍ ସଂକ୍ରମଣ କାଳରେ ପରିବାର ପିଛା ୧୫ କି.ଗ୍ରା ଅଟା, ୧ କି.ଗ୍ରା ଚିନି, ୧ କି.ଗ୍ରା ସୁଜି, ୨ କି.ଗ୍ରା ଚୁଡ଼ା, ସାବୁନ୍, ୫୦୦ ଗ୍ରା: ସର୍ଫ ଓ ୧ ପାକେଟ ବିସ୍କୁଟ୍ କର୍ମୀ ନିମନ୍ତେ ମର୍ଯ୍ୟାଦା ସ୍ୱରୂପ ପ୍ରଦାନ କରାଯାଇଛି । ସେହି ଗ୍ରାମର ମଦିଆ ଜନଜାଦଦିର କୁମ୍ଭାର ମାନଙ୍କର ଗୋଷ୍ଠିଭିତ୍ତିକ ମାଟି ହାଣ୍ଡି ପୋଡ଼ିବା ନିମନ୍ତେ ଭାଟି ଗୁଡ଼ିକ ଅମ୍ପାନ୍ ବାତ୍ୟାରେ ଭାଙ୍ଗି ଯାଇଥିଲା । ବଣଧୂଳିର ଫୁଲ ଅଧକ୍ଷ ବିଜୟ କୁମାର ଆଚାର୍ଯ୍ୟ ଓ ନୋସି କଲଚୁରାଲ ଏକାଡେମୀର ଉପଦେଷ୍ଟା ଶିଳ୍ପୀ କେଶୁଦାସଙ୍କ ପ୍ରେରଣାରେ ବାବନ୍ଧ ଗ୍ରାମରେ ଜନଜାତିର କୁମ୍ଭାରମାନେ ମିଳିମିଶି ତାଙ୍କର ଭାଙ୍ଗି ଯାଇଥିବା ଗୋଷ୍ଠିଭିତ୍ତିକ ହାଣ୍ଡିପୋଡ଼ିବା ଭାଟିଗୁଡ଼ିକୁ ମରାମତି କରି ନବିକରଣ କରାଇବା ସହିତ ଗ୍ରାମର ରାସ୍ତା, ବାବନ୍ଧ ହ୍ରଦକୁଳକୁ ପରିଷ୍କାର ପରିଚ୍ଛନ କରିଥିଲେ । ସେଥିନିମନ୍ତେ ଗୁଞ୍ଜ ସଂଗଠନ ସହାୟତାରେ ବଣଧୂଳିର ଫୁଲ ମାଧ୍ୟମରେ କରୋନା କାଳୀନ କର୍ମ ନିମନ୍ତେ ମର୍ଯ୍ୟାଦା ଯୋଗାଇ ଦିଆଯାଇଛି । ଆହୁରି ମଧ୍ୟ ପ୍ରକାଶ ଥାଉକି, ଓଡ଼ିଶା ଶିଳ୍ପୀ ମହାସଂଘର ସମ୍ପାଦକ ପ୍ରିୟରଞ୍ଜନ କର ଓ ସଭାପତି ଉଦୟ ମହାନ୍ତି ତଥା ନୋନି କଲଚୁରାଲ ଏକାଡେମୀର ଉପଦେଷ୍ଟା ଶିଳ୍ପୀ କେଶୁ ଦାସଙ୍କ ପରାମର୍ଶ କ୍ରମେ ଏହି କରୋନା ସଂକ୍ରମଣ ସମୟରେ ଗୁଞ୍ଜ ସଂଗଠନ ସହାୟତାକୁ ବଣଧୂଳିର ଫୁଲ ଟ୍ରଷ୍ଟ ମାଧ୍ୟମରେ ପ୍ରାୟ ୩୦୦ ଜଣ ହସ୍ତକଳା ଶିଳ୍ପୀ ଓ କାରୀଗରଙ୍କୁ ଉପରୋକ୍ତ ମତେ କର୍ମ ନିମନ୍ତେ ମର୍ଯ୍ୟାଦା ସହଯୋଗ ପ୍ରଦାନ କରାଯାଇଛି । ଏହି ସବୁ ଖାଦ୍ୟ ସାମଗ୍ରୀ ଓ ସାବୁନ ଇତ୍ୟାଦିକୁ ପ୍ୟାକିଂ କରିବା ନିମନ୍ତେ ଓରିପୋଲର ମୁଖ୍ୟ ଅମିତ ବେହେରାଙ୍କ ତରଫରୁ ଥାଳି ଯୋଗାଇ ଦିଆଯାଇଛି । ଏହି ହସ୍ତକଳା କାରୀଗରିଙ୍କୁ ସହାୟତା ବାଲେଶ୍ୱରରେ ପହଞ୍ଚାଇବା ନିମନ୍ତେ ଗୁଞ୍ଜର ବରିଷ୍ଠ ସମାଜକର୍ମୀ ସୁରେଶ କୁମାର ପ୍ରମୁଖ ସୁପାରିସ ଯୋଗାଇଥିବା ବେଳେ ଭୁବନେଶ୍ୱରର ଜେ.ଡି. ସେଣ୍ଟର ଅଫ ଆର୍ଟର ପ୍ରମୁଖ ତଥା ଭାରତର ବିଶିଷ୍ଟ ଚିତ୍ର ଶିଳ୍ପୀ ଜତୀନ ଦାସ ପ୍ରସ୍ତାବିତ କରିଛନ୍ତି । ଏହି କାର୍ଯ୍ୟକୁ ସୁଚାରୁରୂପେ ପରିଚାଳନା କରିବା ନିମନ୍ତେ ଜଉକଣ୍ଢେଇ ଶିଳ୍ପୀ କନକଲତା ଦାସ, କଳାକାର ସାବିତ୍ରୀ ସିଂ, ଗଜପତି ସିଂ ଓ ଅରତ ବଜାର ଜଉଘର ସ୍ୱୟଂ ସହାୟକ ଗୋଷ୍ଠୀର ଶିଳ୍ପୀମାନେ ସହଯୋଗ କରିଛନ୍ତି ।

ନିଜ ଖର୍ଚ୍ଚରେ ଜବରଦଖଲ ହଟାନ୍ତୁ ମଲ ମାଲିକ : ବିଜେପି

ଭୁବନେଶ୍ୱର,୯।୭ (ନି.ପ୍ର): ସରକାରୀ ଜମି ଜବରଦଖଲ କରି ସୌନ୍ଦର୍ଯ୍ୟ କରଣ କରିଥିବା ଉତ୍କଳ ଗ୍ୟାଲେରିଆ ମଲ୍ ନିଜ ଖର୍ଚ୍ଚରେ ଜବରଦଖଲ ହଟାଇବାକୁ ଭୁବନେଶ୍ୱର ଜିଲ୍ଲା ବିଜେପି ସଭାପତି ବାବୁ ସିଂ ଦାବି କରିଛନ୍ତି। ଦାବି ପୂରଣ ନହେଲେ ବିଜେପି ପୁଣି ଆନ୍ଦୋଳନକୁ ଓଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି। ଭାରତୀୟ ଜନତା ପାର୍ଟି ଭୁବନେଶ୍ୱର ଶାଖା ତରଫରୁ ଉତ୍କଳ ଗ୍ୟାଲେରି ସମ୍ମୁଖରେଥିବା ସରକାରୀ ଜମିରେ ଜବର ଦଖଲ କରି ସୌନ୍ଦର୍ଯ୍ୟ କରଣ ପାଇଁ କରିଥିବା ବିଭିନ୍ନ ବ୍ୟବସ୍ଥାକୁ ଭାଙ୍ଗିବା ପାଇଁ ବିଏମ୍‌ସିର କମିସନ୍‌ରଙ୍କ ପାଖରେ ଦାବୀ କରା ଯାଇଥିଲା । କମିସନ୍‌ର ଏହି ଦାବିକୁ ଗ୍ରହଣ କରି କୋଭିଡ୍ ପରେ ଭାଙ୍ଗିବା ପାଇଁ କହିଥିଲେ ।ମଲ ମାଲିକ ମଲର ସୌନ୍ଦର୍ଯ୍ୟ କରଣ ପାଇଁ ଏସବୁ ବ୍ୟବସ୍ଥା କରିଥିଲେ । କିନ୍ତୁ ଭାଙ୍ଗିବା ପାଇଁ ସରକାର କାହିଁକି ଅର୍ଥ ଖର୍ଚ୍ଚ କରିବେ ? ମଲ ମାଲିକ ତାଙ୍କ ଖର୍ଚ୍ଚରେ ଅତିଶ୍ରିଘ୍ର ସେ ସୌନ୍ଦର୍ଯ୍ୟ କରଣ ପାଇଁ କରିଥିବା ଜବର ଦଖଲାକୁ ହଟାଇବାକୁ ସରକାର ନିର୍ଦ୍ଦେଶ ଦିଅନ୍ତୁ । ମାତ୍ର କମିସନ୍‌ର କୋଭିଡ୍‌ର ଆଳ ଦେଖାଇ ମଲକୁ ଯେପରି ସୁରକ୍ଷା ଦେଉଛନ୍ତି ବୋଲି ଶ୍ରୀ ସିଂ ଅଭିଯୋଗ କରିଛନ୍ତି ।

କରୋନା ପରବର୍ତ୍ତୀ ଭାରତର ବିକାଶକୁ ତ୍ୱରାନ୍ୱିତ କରିବ ଆତ୍ମନିର୍ଭର ଭାରତ ଅଭିଯାନ: ସମୀର ମହାନ୍ତି

ଭୁବନେଶ୍ୱର,୯।୭ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆତ୍ମନିର୍ଭର ଭାରତ ଅଭିଯାନରେ ଗରିବଙ୍କ କଲ୍ୟାଣକୁ ପ୍ରାଧାନ୍ୟ ଦେବାସହ ଦେଶର ପୁଞ୍ଜିନିବେଶ, ଆର୍ଥିକ ଅଭିବୃଦ୍ଧି, ନିଯୁକ୍ତିକୁ ପ୍ରୋତ୍ସାହନ ଦେଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପ ଚାଷୀ, ଶ୍ରମିକ, ମଧ୍ୟବିତ ଏବଂ ଉଦ୍ୟୋଗୀଙ୍କୁ ସଶକ୍ତ କରିଛି ଓ କୋଇଲା, ଖଣିଜ, ପ୍ରତିରକ୍ଷା ଉତ୍ପାଦନ, ବେସାମରିକ ବିମାନ ଚଳାଚଳ, ଶକ୍ତି ଯୋଗାଣ, ପରମାଣୁ ଏବଂ ମହାକାଶ କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭର କରିବାରେ ସହାୟକ ହୋଇଛି । ମୋଦି ସରକାରଙ୍କ ଏହି ଐତିହାସିକ ପଦକ୍ଷେପ କରୋନା ପରବର୍ତ୍ତୀ ଭାରତର ବିକାଶକୁ ତ୍ୱରାନ୍ୱିତ କରିବ ଏବଂ ଗୋଟିଏ ଶକ୍ତିଶାଳୀ, ସ୍ଥିର ତଥା ପ୍ରଗତିଶୀଳ ଭାରତ ଗଠନ କରିବାରେ ସହାୟକ ହେବ ବୋଲି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି କହିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାନ୍ତି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଆତ୍ମନିର୍ଭର ଭାରତ ଅଭିଯାନ କେବଳ କୋରନା ସହ ମୁକାବିଲା କରିବାରେ ବଡ ଭୂମିକା ଗ୍ରହଣ କରିନାହିଁ ବରଂ ନୂଆ ଭାରତ ଦିଗରେ ମଧ୍ୟ ଅଗ୍ରସର ହୋଇଛି ।ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧି, ଜିନଧନ ଆକାଉଂଟ, ସାମାଜିକ ସୁରକ୍ଷା ଭତା ଓ ଉଜ୍ଜଳା ଯୋଜନାରେ ଜୁନ ୨୮ ସୁଦ୍ଧା ପାଖାପାଖି ୪୦ କୋଟି ଲୋକଙ୍କୁ ୬୪ ହଜାର ୫୦୦ କୋଟି ସିଧାସଳଖ ଡିବିଟି ମାଧ୍ୟମରେ ବ୍ୟାଙ୍କ ଆକାଉଂଟକୁ ପଠାଯାଇଛି । ଗରିବ ଓ ପ୍ରବାସୀଙ୍କ ଖାଦ୍ୟ ସୁରକ୍ଷାକୁ ନିଶ୍ଚିତ କରିବା ପାଇଁ ଦେଶର ୮୦ କୋଟି ଲୋକଙ୍କ ପାଇଁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାକୁ ୮ ମାସ ଅର୍ଥାତ୍ ନଭେମ୍ବର ଯାଏ ବୃଦ୍ଧି କରାଯାଇଛି । ଏଥିପାଇଁ ମୂଲ୍ୟ ୯୦ହଜାର କୋଟିରୁ ଅଧିକ ହେବାର ଆକଳନ କରାଯାଇଛି । ଏହାବ୍ୟତିତ ପ୍ରବାସୀ ଶ୍ରମିକଙ୍କ ରହିବା ଖାଇବା ପିଇବା ଓ ଯତ୍ନ ନେବା ପାଇଁ ମୋଦି ସରକାର ବ୍ୟବସ୍ଥା କରିଛନ୍ତି । ଅନେକ ରାଜ୍ୟରେ ପ୍ରବାସୀ ଶ୍ରମିକଙ୍କୁ ଆଗାମୀ ୨ ମାସ ମାଗଣାରେ ଖାଦ୍ୟ ଯୋଗାଇବା ପାଇଁ ଗୋଟିଏ ଦେଶ-ଗୋଟିଏ ରାସନ କାର୍ଡ ବ୍ୟବସ୍ଥା ଲାଗୁ ହୋଇଛି । ଶ୍ରମିକଙ୍କୁ ନିଯୁକ୍ତି ଯୋଗାଇବା ନିମନ୍ତେ ମନରେଗାରେ ଅତିରିକ୍ତ ୪୦ ହଜାର କୋଟି ବ୍ୟୟବରାଦ ହୋଇଛି । ସେହିପରି ଶ୍ରମିକଙ୍କୁ ରୋଜଗାର ଦେବା ପାଇଁ ଗରିବ କଲ୍ୟାଣ ରୋଜଗାର ଅଭିଯାନରେ ଭିନ୍ନ ଭିନ୍ନ ୨୫ଟି କାମରେ ରୋଜଗାର ଯୋଗାଇ ଦିଆଯିବ । ଏହି ଯୋଜନାରେ ଗଞ୍ଜାମ, ବାଲେଶ୍ୱର, ଭଦ୍ରକ ବଲାଙ୍ଗିର ଭଳି ଜିଲ୍ଲା ବିଶେଷ ପ୍ୟାକେଜ ସହ ଅଧିକ ମାତ୍ରାରେ ଲାଭବାନ ହୋଇପାରିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଆତ୍ମନିର୍ଭର ଭାରତ ଅଭିଯାନରେ ଏମଏସଏମଇ ପାଇଁ ୩ ଲକ୍ଷ କୋଟି ଟଙ୍କାର ବନ୍ଧକବିହୀନ ଋଣର ବ୍ୟବସ୍ଥା ହୋଇଛି । ଜୁଲାଇ ପହିଲା ସୁଦ୍ଧା ଏହି ଯୋଜନାରେ ସୁଦ୍ଧା ୩୦ ଲକ୍ଷ ଏମଏସଏମଇ ପ୍ରତିଷ୍ଠାନକୁ ୧.୧୦ ଲକ୍ଷ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁରୀ ଦିଆଯାଇଛି । ଏହି କ୍ଷେତ୍ର ପାଇଁ ନାବାର୍ଡ ପକ୍ଷରୁ ହୋଇଥିବା ୩୦ ହଜାର କୋଟିର ସ୍ୱତନ୍ତ୍ର ନଗଦ ପାଣ୍ଠିରୁ ଜୁନ ଶେଷ ସୁଦ୍ଧା ୨୪ ହଜାର ୫୮୬ କୋଟି ଦିଆଯାଇଛି । ଏମଏସଏମଇ ଘରୋଇ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀ ଓ ସେମାନଙ୍କ ନିଯୁକ୍ତିଦାତାଙ୍କ ପାଇଁ ୨୫୦୦ କୋଟିର ଇପିଏଫ ସହଯୋଗ ଦିଆଯାଇଛି । ଏହା ଦ୍ୱାରା ପ୍ରାୟ ୩.୬୭ ଲକ୍ଷ ପ୍ରତିଷ୍ଠାନ ଏବଂ ୭୨.୨୨ ଲକ୍ଷ କର୍ମଚାରୀ ଲାଭବାନ ହେବେ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ପାଇଁ ୨୦ ହଜାର କୋଟି ଟଙ୍କା ଘୋଷଣା ହୋଇଛି । ଦୁଗ୍ଧ ଶିଳ୍ପକୁ ପ୍ରୋତ୍ସାହନ ଦେବ ୧୫ ହଜାର କୋଟିର ପଶୁପାଳନ ଭିତିଭୂମି ବିକାଶ ପାଣ୍ଠି ଗଠନ ହୋଇଛି । ମହୁ ଚାଷର ଭିତିଭୂମିକୁ ମଜବୁତ କରିବା ପାଇଁ ୫୦୦ କୋଟି ଟଙ୍କା ଘୋଷଣା କରାଯାଇଛି । ଏହା ୨ ଲକ୍ଷ ଚାଷୀଙ୍କୁ ସହାୟତା ପ୍ରଦାନ କରିବ ଓ ସ୍ଥାନୀୟ ମହୁ ସଂଗ୍ରହକାରୀ ମହିଳା ଚାଷୀଙ୍କୁ ମଧ୍ୟ ଆର୍ଥିକ ସବଳ କରିବ ।

ଚୁକ୍ତିଭିତ୍ତିକ କର୍ମଚାରୀଙ୍କର ଦାବୀ ସରକାର ମାନନ୍ତୁ: କଂଗ୍ରେସ

ଭୁବନେଶ୍ୱର,୯।୭ (ନି.ପ୍ର): ରାଜ୍ୟରେ ଥିବା ୫୦ ହଜାରରୁ ଅଧିକ ଚୁକ୍ତିଭିତିକ କର୍ମଚାରୀଙ୍କ ପ୍ରତି ସରକାରଙ୍କର ଅବହେଳା ଅକ୍ଷମଣୀୟ । ଏହି କର୍ମଚାରୀଙ୍କ ଭିତରୁ ଅଧିକାଂଶ କରୋନା ମହାମାରୀ ଯୁଦ୍ଧରେ ଆଗାଧାଡ଼ିର ଯୋଦ୍ଧା । ସରକାର ସେମାନଙ୍କର ଦାବି ମାନି ନେବାକୁ କଂଗ୍ରେସ ଦାବି କରିଛି । ପୂର୍ବତନ ମନ୍ତ୍ରୀ ଫଂଚାନନ କାନୁନଗୋ ଓ ସୁଦର୍ଶନ ଦାସ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ସରକାର ୨୦୧୩ ମସିହାରୁ ଠିକା ନିଯୁକ୍ତି ନିୟମ ଲାଗୁକରି ଗ୍ରୁପ-ବି,ସି ଓ ଡି ବର୍ଗରେ ନିଯୁକ୍ତି ଦେଇଆସୁଛନ୍ତି । ମାତ୍ର ଏମାନଙ୍କୁ ନିୟମିତ ସରକାରୀ କର୍ମଚାରୀଙ୍କର ପ୍ରାପ୍ୟ ମିଳୁନାହିଁ । ସରକାରଙ୍କର ନିର୍ଦ୍ଦେଶନାମା ଅନୁସାରେ ଜଣେ ଉଚ୍ଚକୁଶଳୀ ଦିନକୁ ୪୩୦ ଟଙ୍କା ହିସାବରେ ମାସିକ ୧୪ ହଜାରଟଙ୍କା ପାଇବା କଥା ତାଠୁ କମ୍ ଦରମାରେ ଉଚ୍ଚଶିକ୍ଷିତ ଯୁବକଯୁବତୀଙ୍କୁ ଗୋଟି ଖଟାଉଛନ୍ତି । ସମସ୍ତ କର୍ମଚାରୀଙ୍କ ପାଇଁ ସପ୍ତମ ବେତନ ଲାଗୁକରିଥିବା ବେଳେ ଚୁକ୍ତିଭିତିକ କର୍ମଚାରୀଙ୍କ ପାଇଁ ସପ୍ତମବେତନ ଦେବେ କ'ଣ ମୁଳ ଦରମାବି ଦେଉନାହାଁନ୍ତି । ୨୦୧୬ ମସିହାରେ ସୁପ୍ରିମକୋର୍ଟ ସମସ୍ତ କର୍ମଚାରୀ ମାନଙ୍କ ପାଇଁ ସମାନ କାମକୁ ସମାନ ଦରମା ଲାଗୁ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ରାଜ୍ୟ ସରକାର ତାକୁ କାର୍ଯ୍ୟକାରୀ କରୁନାହାନ୍ତି । ରକାର ତୁରନ୍ତ ଏମାନଙ୍କ ଦାବୀଗୁଡ଼ିକୁ ପୂରଣ କରନ୍ତୁ ଏବଂ ସେମାନଙ୍କୁ ନାଲିଆଖି ଦେଖାଇବାରୁ କ୍ଷାନ୍ତ ରୁହନ୍ତୁ ବୋଲି କଂଗ୍ରେସ ଦାବୀ କରିଛି ।

ବାଲିତୁଠ ପଂଚାୟତ ଜୀବନବିନ୍ଦୁ କାର୍ଯ୍ୟକ୍ରମରେ ୪୨୭ ୟୁନିଟ୍ ରକ୍ତ ସଂଗ୍ରହ

ଭୁବନେଶ୍ୱର,୯।୭ (ନି.ପ୍ର): ଗତକାଲି ଜଗତସିଂହପୁର ଜିଲ୍ଲା ବାଲିକୁଦା-ଏରସମା ନିର୍ବାଚନ ମଣ୍ଡଳୀର ଜୋନ୍ ନଂ-୪ ଅନ୍ତର୍ଗତ ପଂଚାୟତ ହାଇସ୍କୁଲ,ବାଲିତୁଠ ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଜୀବନବିନ୍ଦୁ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଏହି ଶିବିରରେ ମୋଟ ୪୨୭ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଜଳ ସଂପଦ, ସୂଚନା ଓ ଲୋକ ସଂପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ ଯୋଗଦେଇ କହିଲେ ଯେ, ଜିଲ୍ଲାରେ ଯେତେଥର ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇ ରକ୍ତ ସଂଗ୍ରହ କରାଯାଇଛି, ତନ୍ମଧ୍ୟରେ ଏହା ହେଉଛି ରେକର୍ଡ ସଂଖ୍ୟକ ରକ୍ତ ସଂଗ୍ରହ । କରୋନା ସ୍ଥିତିରେ ମଧ୍ୟ ରକ୍ତଦାତାମାନେ ଏହି ପୁଣ୍ୟକାର୍ଯ୍ୟରେ ସାମିଲ ହୋଇ ରକ୍ତଦାନ କରିଥିବା ଅଂଚଳ ପାଇଁ ଅତ୍ୟନ୍ତ ଗୌରବର କଥା ଏବଂ ରୋଗୀଙ୍କ କଲ୍ୟାଣ ତଥା ସମାଜର ହିତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସଂଗୃହୀତ ଏହି ରକ୍ତ ମଧ୍ୟରୁ ୨୫୩ ୟୁନିଟ୍ ରକ୍ତ କେନ୍ଦ୍ରୀୟ ରେଡକ୍ରସ୍ ବ୍ଲଡ୍ ବ୍ୟାଙ୍କ,କଟକ ଏବଂ ୧୩୬ ୟୁନିଟ୍ ରକ୍ତ ଏସ୍.ସି.ବି ମେଡିକାଲ ବ୍ଲଡ୍ ବ୍ୟାଙ୍କକୁ ପଠାଯାଇଥିବା ବେଳେ ୩୮ ୟୁନିଟ୍ ରକ୍ତ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରଖାଯାଇଛି । ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ରକ୍ତଦାନ କରିଥିବା ସମସ୍ତ ରକ୍ତଦାତା, କାର୍ଯ୍ୟକ୍ରମରେ ଯୋଗଦେଇଥିବା ବ୍ଲଡ୍ ବ୍ୟାଙ୍କ ଅଧିକାରୀ, ଡାକ୍ତର ଓ ସହଯୋଗ କରିଥିବା ସ୍ୱେଚ୍ଛାସେବୀମାନଙ୍କୁ ମନ୍ତ୍ରୀ ଶ୍ରୀ ଦାସ ସାଧୁବାଦ ଜଣାଇଛନ୍ତି ।

ଯୁଆଡେ ଗଲେବି ଶୀଘ୍ର ଧରାପଡିବେ ବୋଲି ଏସଡିପିଓ ଶ୍ରୀ ନାରାୟଣ ନାୟକ ପ୍ରକାଶ କରିଥିବାବେଳେ ଏହି ବାଟମାରଣା ସାଙ୍ଗକୁ ବ୍ଲକ୍ କର୍ତ୍ତୃପକ୍ଷଙ୍କ ଦ୍ୱାରା ହୋଇଥିବା ଅନ୍ୟ ବହୁ ସରକାରୀ କାର୍ଯ୍ୟକ୍ରମରେ ଅର୍ଥ ବାଟମାରଣା ଅଭିଯୋଗ ଉପରେ କୌଣସି ତଦନ୍ତ କାର୍ଯ୍ୟାନୁଷ୍ଠାନ ହୋଇ ନଥିବାରୁ ସ୍ଥାନୀୟ ଜନ ସାଧାରଣରେ ଘୋର ନୈରାଶ୍ୟ ଭାବ ପ୍ରକାଶ ପାଇବା ସହିତ ଏହି ମହା ଘୋଟାଲାରେ କେବଳ ଏହି ତଳତଳିଆ ଅଧିକାରୀ, କର୍ମଚାରୀ ଓ ଜନପ୍ରତିନିଧି ମାନେ ସଂପୃକ୍ତ ଅଛନ୍ତି ନା ଉଚ୍ଚ ଅଧିକାରୀ ଓ ରାଜନୈତିକ ବ୍ୟକ୍ତି ଏହି ଘୋଟାଲାରେ ସଂପୃକ୍ତ ଥାଇ ସେମାନଙ୍କର ସାହସରେ ଏଭଳି ଦୂର୍ନିତୀ କରାଯାଇଛି ତାହା ଏକ ବିରାଟ ପ୍ରଶ୍ନବାଚୀ ହୋଇ ବୁଦ୍ଧିଜିବୀ ମହଲରେ ଛିଡା ହୋଇଛି । ରାଜ୍ୟ ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟିଦେଇ ତଦନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

ବାରାଣସୀସ୍ଥିତ ଏନଜିଓ...

ବିଭିନ୍ନ ସରକାରୀ ଓ ସ୍ଥାନୀୟ ପ୍ରଶାସନିକ ସଂସ୍ଥା ସହ ମିଶି ସ୍ୱେଚ୍ଛାସେବୀ ସଂଗଠନମାନେ କରିଥିବା କାର୍ଯ୍ୟର ସେ ଭୂୟସୀ ପ୍ରସଂଶା କରିଥିଲେ । ଖୁବ କମ ସମୟ ମଧ୍ୟରେ ପଙ୍ଗତରେ ଲୋକଙ୍କୁ ଖାଇବାକୁ ଦେବା, ହେଲ୍ପଲାଇନ ପ୍ରତିଷ୍ଠା ଓ ବାରାଣସୀ ସ୍ମାର୍ଟ ସିଟିର ବୈଷୟିକ ସହାୟତା ନେବା ଖୁବ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ସେ କହିଛନ୍ତି । ଡାକ ବିଭାଗ କିଭଳି ପ୍ରଶାସନକୁ ଖାଦ୍ୟ ବାଣ୍ଟିବାରେ ସାହାଯ୍ୟ କରିଥିଲା, ସେ ତାହାର ଉଦାହରଣ ଦେଇଥିଲେ । ସନ୍ତ କବୀର ଦାସଙ୍କ ବାଣୀର ଅବତାରଣ କରି ଶ୍ରୀ ମୋଦୀ କହିଥିଲେ ଯେ, ଯିଏ ସେବା କରେ ସେ ଦିନରାତି ଉତ୍ସର୍ଗୀକୃତ ସେବା ପ୍ରଦାନ କରିଥାଏ ଓ ତା ସେବାର ମୂଲ୍ୟ ଉପରେ କୌଣସି ଆଶା ରଖି ନଥାଏ । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଭାରତ ବର୍ଷର ବିଶାଳ ଜନସଂଖ୍ୟା ଓ ଅନ୍ୟାନ୍ୟ ପ୍ରତିବନ୍ଧକ ଯୋଗୁଁ ଦେଶ କିଭଳି ଏହି ବୈଶ୍ୱିକ ମହାମାରୀର ମୁକାବିଲା କରିବ ସେନେଇ ଅନେକ ବିଶେଷଜ୍ଞ ପ୍ରଶ୍ନ ଉତ୍ଥାପନ କରିଛନ୍ତି । ଉତରପ୍ରଦେଶର ୨୩-୨୪ କୋଟି ଜନସାଧାରଣଙ୍କୁ ନେଇ ମହାମାରୀର କିଭଳି ମୁକାବିଲା କରାଯିବ ସେ ଭୟ ଲୋକମାନଙ୍କ ଅକ୍ଳାନ୍ତ ପରିଶ୍ରମ ଓ ସହଯୋଗ ଯୋଗୁଁ ଦୂର ହୋଇପାରିଛି । ଉତରପ୍ରଦେଶରେ କରୋନା ସଂକ୍ରମଣ ପ୍ରକୋପ ହ୍ରାସ ପାଇବା ସହ ଅଧିକରୁ ଅଧିକ ସଂକ୍ରମିତ ଆରୋଗ୍ୟ ଲାଭ କରୁଥିବାରୁ ପ୍ରଧାନମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଥିଲେ । କେନ୍ଦ୍ର ସରକାର ବିଭିନ୍ନ ସୁବିଧା ସୁଯୋଗ ଯୋଗାଇଦେବା ଯୋଗୁଁ ଦେଶର ପ୍ରାୟ ୮୦ କୋଟି ଜନସାଧାରଣ ଖାଦ୍ୟ ସାମଗ୍ରୀ ଠାରୁ ଇନ୍ଧନ ପର୍ଯ୍ୟନ୍ତ ଜିନିଷ ମାଗଣାରେ ପାଇପାରୁଛନ୍ତି ବୋଲି କହିଛନ୍ତି । ଆମେରିକାଠାରୁ ବହୁ ଗୁଣ ଅଧିକା ଜନସଂଖ୍ୟା ଥିବା ଭାରତ ବର୍ଷରେ ଗରିବ ଲୋକମାନଙ୍କ ଠାରୁ ସାହାଯ୍ୟ ପାଇଁ ପଇସାଟିଏ ମଧ୍ୟ ନିଆଯାଉ ନାହିଁ । ଏହି ଯୋଜନାର ମିଆଦକୁ ବର୍ତମାନ ଆଗାମୀ ନଭେମ୍ବର ତଥା ଦୀପାବଳି ଓ ଛଟ ପୂଜା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ବାରାଣସୀର ବ୍ୟବସାୟୀ ଲୋକଙ୍କ ସମେତ ବିଭିନ୍ନ କାରିଗର ବିଶେଷକରି ବୁଣାକାରମାନଙ୍କ ଅଭାବ ଅସୁବିଧା ଦୂର କରିବା ପାଇଁ କେତେକ ପଦକ୍ଷେପ ନିଆଯାଉଛି । ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ଭିତିଭୂମି ଓ ପ୍ରକଳ୍ପ ବାବଦକୁ ୮୦୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ବିଶ୍ୱ ପୁର୍ନଗଠନ ପ୍ରକ୍ରିୟାରେ...

ବିଭିନ୍ନ ସଂସ୍କାର ସଂପର୍କରେ ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏହା ଫଳରେ ବୈଶ୍ୱିକ ଉଦ୍ୟୋଗଜଗତ ପାଇଁ ଏହି କ୍ଷେତ୍ରରେ ପୁଞ୍ଜି ନିବେଶର ଏକ ଆକର୍ଷଣୀୟ ସୁଯୋଗ ସୃଷ୍ଟି ହୋଇଛି । ସର୍ବଶେଷ ସଂସ୍କାର ବ୍ୟବସ୍ଥା ଫଳରେ ଏମ୍‌ଏସ୍‌ଏମ୍ ?ଇ ଉଦ

ଶୁକ୍ରବାର,୧୦ ଜୁଲାଇ ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ନୂତନ ନିଯୁକ୍ତି ବନ୍ଦ ନିଷ୍ପତ୍ତି ତୁରନ୍ତ ପ୍ରତ୍ୟାହାର କରାଯାଉ : ସି.ପି.ଆଇ.(ଏମ୍)

ଭୁବନେଶ୍ୱର,୯।୭ (ନି.ପ୍ର): କୋଭିଡ୍ - ୧୯ ମହାମାରୀ ସାମନା କରିବା ନାଁରେ ଓଡିଶାରେ ନୂତନ ନିଯୁକ୍ତି ବନ୍ଦ କରିବା ନିଷ୍ପତିକୁ ବିରୋଧ କରିଛି ସି.ପି.ଆଇ.(ଏମ୍) । ଏଭଳି ଜନବିରୋଧୀ ନିଷ୍ପତିକୁ ପ୍ରତ୍ୟାହାର କରିବାକୁ ଦଳ ଦାବି କରିଛି। ଦଳର ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ କହିଛନ୍ତି ଯେ ଆଗାମୀ ୨ ବର୍ଷ ପର୍ଯ୍ୟନ୍ତ ନୂତନ ନିଯୁକ୍ତି ବନ୍ଦ କରିବା ନିଷ୍ପତି ଯୁବକମାନଙ୍କୁ ହତାଶା ମଧ୍ୟକୁ ଠେଲିଦେବ । ରାଜ୍ୟରେ ବିଭିନ୍ନ ବିଭାଗରେ ଲକ୍ଷାଧିକ ପଦବୀ ଖାଲି ରହିଛି । ଏବେ ସର୍ବବ୍ୟାପୀ କରୋନା ମହାମାରୀ ଜନିତ ଲକ୍ ଡାଉନ୍ ଯୋଗୁଁ ସାଧାରଣ ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଛି । ବେକାରୀ, ଛଟେଇ ଓ କର୍ମନିଯୁକ୍ତି ହୀନତା ଯୋଗୁଁ ହତାଶ ହୋଇ ପଡିଥିବାବେଳେ ନିଯୁକ୍ତିର ବାଟ ପୁରାପୁରି ବନ୍ଦ କରିବା ଘୋଷଣା ଯୁବକମାନଙ୍କ ପ୍ରତି ବିଶ୍ୱାସ ଘାତକତା । ଏହା ସହ ଆଉଟ୍ ସୋର୍ସ, ଅସ୍ଥାୟୀ ଶ୍ରମିକ, କର୍ମଚାରୀମାନେ ବର୍ଷ ବର୍ଷ ଧରି ରେଗୁଲାର ହେବା ଆଶାରେ ରହିଥିଲେ । ଏବେ ଠିକା ସମୟ ପୁରା ହେବା ପରେ ଆଉ ନୂତନ କଂଟ୍ରାକ୍ଟ ଦିଆ ନଯିବାକୁ ଘୋଷଣା ଯୋଗୁଁ ହଜାର ହଜାର ଶ୍ରମିକ, କର୍ମଚାରୀ ବସ୍ତୁତଃ ଛଟେଇ ହେବେ । ରାଜ୍ୟ ସରକାର ନିଜର ହକ୍ ଜି.ଏସ୍.ଟି. ଅଂଶ କେନ୍ଦ୍ର ସରକାରଙ୍କ ଠାରୁ ପାଇ ନଥିବା ବେଳେ ସେଥିପାଇଁ ମୁହଁ ଖୋଲୁନାହାଁନ୍ତି , କୋଭିଡ୍ ପରିସ୍ଥିତିକୁ ମୁକାବିଲା ପାଇଁ କେନ୍ଦ୍ର ସରକାରଙ୍କ ଠାରୁ ସ୍ୱତନ୍ତ୍ର ପ୍ୟାକେଜ୍ ଦାବି କରୁନାହାଁନ୍ତି । ବରଂ କେନ୍ଦ୍ର ସରକାର ସମସ୍ତ ଜନ ବିରୋଧୀ ପଦକ୍ଷେପକୁ କାର୍ଯ୍ୟକାରୀ କରିଚାଲିଛନ୍ତି । ଏହା ବିରୁଦ୍ଧରେ ଜନଗଣ, ରାଜନୈତିକ ଦଳ ଓ ଗଣ ସଙ୍ଗଠନମାନେ ସ୍ୱର ଉତୋଳନ କଲେ ତାକୁ ଚପାଇ ଦେବା ପାଇଁ କୋଭିଡ୍ ମୁକାବିଲା ନାଁରେ କେଶ୍‌ର ଭୟ ଦେଖାଉଛନ୍ତି । ଏଭଳି ଜନବିରୋଧୀ ନିଷ୍ପତିମାନ ତୁରନ୍ତ ପ୍ରତ୍ୟାହାର ପାଇଁ ସି.ପି.ଆଇ.(ଏମ୍) ଓଡିଶା ରାଜ୍ୟ କମିଟି ରାଜ୍ୟ ସରକାରଙ୍କ ନିକଟରେ ଦୃଢ ଦାବି କରିଛି ।

୪୯୬ ଛୁଇଁଲା ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା

କୋଭିଡ୍ ନିୟମ ଭଙ୍ଗ ପାଇଁ ୧୧ ଦୋକାନ୍ ସିଲ୍

ବାଲେଶ୍ୱର,୯।୭ (ନି.ପ୍ର): ଦିନକୁ ଦିନ ଦେଶରେ ବଢୁଥିବା କରୋନା ସଂକ୍ରମଣ ଉଦ୍‌ବେଗଜନକ ସ୍ଥିତି ସୃଷ୍ଟି କରିବା ସରକାରଙ୍କ ସମେତ ରଜନସାଧାରଣଙ୍କ ପାଇଁ ମହାବିପଦ ଭାବେ ଉଭା ହୋଇଛି । ଦେଶରେ ପ୍ରତିଘଣ୍ଟାରେ ହଜାରେରୁ ଊର୍ଦ୍ଧ୍ୱ ଲୋକ ସଂକ୍ରମଣର ଶିକାର ହେଉଥିବା ବେଳେ ସମ୍ପ୍ରତି ଭାରତରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୭ ଲକ୍ଷ ୭୧ ହଜାର ଛୁଇଁଛି। ଆଜି ୫୨୧ ଜଣଙ୍କୁ ମିଶାଇ ଅଦ୍ୟାବଧି୨୧ ହଜାର ୧୭୪ ଜଣ କରୋନା ରୋଗୀଙ୍କର ମୃତ୍ୟୁ ହୋଇଛି । ଅନୁରୂପ ଭାବେ ଓଡ଼ିଶାରେ ସଂକ୍ରମିତଙ୍କ ସଂଖ୍ୟା ୧୧,୨୦୧ଛୁଇଁବା ସହ ମୃତ୍ୟୁ ସଂଖ୍ୟା ୫୨ରେ ପହଞ୍ଚିଛି । ସେହିଭଳି ବାଲେଶ୍ୱରରେ ବଢ଼ି ଚାଲିଥିବା କରୋନା ସଂକ୍ରମଣ ପ୍ରଶାସନ ସମେତ ଜିଲ୍ଲାବାସୀଙ୍କ ଚିନ୍ତା ବଢ଼ାଇ ଦେଇଛି। ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱରରେ ଚିହ୍ନଟ ହୋଇଥିବା ୩୦ ଜଣ ନୂଆ ପଜିଟଭ୍‌ଙ୍କୁ ମିଶାଇ ଜିଲ୍ଲାର ମୋଟ ସଂକ୍ରମିତଙ୍କ ସଂଖ୍ୟା ଆଜି ୪୯୬ରେ ପହଞ୍ଚିଛି । ସେମାନଙ୍କ ମଧ୍ୟରୁ ୫ ଜଣ ହୋମ୍ ଆଇସୋଲେସନରେ ଥିବା ବେଳେ ବାକି ୨୫ ଜଣ ସ୍ଥାନୀୟ ସଂକ୍ରମଣ ବୋଲି ଜଣାପଡ଼ିଛି । ସ୍ଥାନୀୟଙ୍କ ମଧ୍ୟରୁ ୧୧ ଜଣ କଣ୍ଟେନମେଣ୍ଟ ଜୋନର ହୋଇଥିବା ବେଳେ ୯ ଜଣ ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା କୁହାଯାଉଛି। ଏନେଇ ପ୍ରଶାସନ ପକ୍ଷରୁ ସେମାନଙ୍କର କଣ୍ଟାକ୍ଟ ଟ୍ରେସିଂ ଚାଲିଥିବା ଜଣାପଡ଼ିଛି । ତେବେ ସ୍ଥାନୀୟ ସଂକ୍ରମଣ ବୃଦ୍ଧି ଗୋଷ୍ଠୀ ସଂକ୍ରମଣର ପୂର୍ବାଭାଷ ବୋଲି ବିଭିନ୍ନ ମହଲରୁ ଆଶଙ୍କା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ବଢୁଥିବା କରୋନା ସଂକ୍ରମଣ ରୋକିବାକୁ ପ୍ରଶାସନ ପକ୍ଷରୁ ଏବେ କଟକଣାକୁ ଅଧିକ କଡ଼ାକଡ଼ି କରାଯାଇଛି। କୋଭିଡ୍ ନିୟମ ଭଙ୍ଗ କରୁଥିବା ସାଧାରଣ ଲୋକ ଓ ସହର ବଜାରର ଦୋକାନୀଙ୍କ ପ୍ରତି ପୁଲିସ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ଏହି ପରିପ୍ରେକ୍ଷୀରେ ଆଜି ନିୟମ ଭଙ୍ଗ କରିଥିବା ସହଦେବଖୁଣ୍ଟା ଓ ମୋତିଗଞ୍ଜ ଅଞ୍ଚଳର ୧୧ ଗୋଟି ଦେକାନକୁ ସିଲ୍ କରାଯାଇଛି। ଏଥି ସହିତ ସପ୍ତାହଅନ୍ତ ଦୁଇଦିନିଆ ସଟ୍ ଡାଉନ୍‌କୁ ଶତପ୍ରତିଶତ ପାଳନ ସାଙ୍ଗକୁ ସାମାଜିକ ଦୂରତ୍ୱ ରକ୍ଷା ଓ ମାସ୍କ ଯାଞ୍ଚକୁ ପ୍ରଶାସନ ପକ୍ଷରୁ ଅଧିକ ଗୁରୁତ୍ୱ ଦିଆଯାଉଛି।

ସୁସ୍ଥରେ ରେକର୍ଡ : ଗୋଟିଏ ଦିନରେ ଆରୋଗ୍ୟ ହେଲେ ୪୦୧ କରୋନା ଆକ୍ରାନ୍ତ

ଭୁବନେଶ୍ୱର, ୦୯ ଜୁଲାଇ – ରାଜ୍ୟରେ ଗୁରୁବାର ଗୋଟିଏ ଦିନରେରେକର୍ଡ ସଂଖ୍ୟକ ୪୦୧ଜଣ କରୋନା ଆକ୍ରାନ୍ତ ଆରୋଗ୍ୟ ଲାଭ କରିଛନ୍ତି । ଏହାସହ ବମର୍ତମାନ ରାଜ୍ୟରେ କରୋନା ସୁସ୍ଥଙ୍କ ସଂଖ୍ୟା ୭୪୦୭ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଗଞ୍ଜାମ ଜିଲ୍ଲାରୁ ସର୍ବାଧିକ ୧୦୦ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଥିବା ବେଳେ ଗଜପତି ଜିଲ୍ଲାରୁ ୬୭ଜଣ, କଟକ ଜିଲ୍ଲାରୁ ୪୨ଜଣ, ଯାଜପୁର ଜିଲ୍ଲାରୁ ୩୨ଜଣ, ଦେବଗଡ଼ ଜିଲ୍ଲାରୁ ୧୯ଜଣ, କୋରାପୁଟ ଜିଲ୍ଲାରୁ ୧୮ଜଣ, ଖୋର୍ଦ୍ଧା ଜିଲ୍ଲାରୁ ୧୫ଜଣ, ବରଗଡ଼ ଜିଲ୍ଲାରୁ ୧୪ଜଣ, ଭଦ୍ରକରୁ ୧୪ଜଣ, ବାଲେଶ୍ୱର ଜିଲ୍ଲାରୁ ୧୨ଜଣ, କେନ୍ଦୁଝର ଜିଲ୍ଲାରୁ ୧୦ଜଣ, ମାଲକାନଗିରି ଜିଲ୍ଲାରୁ ୧୦ଜଣ, ଜଗତସିଂହପୁର ଜିଲ୍ଲାରୁ ୯ଜଣ, ଝାରସୁଗୁଡ଼ା ଓ ମୟୁରଭଞ୍ଜ ଜିଲ୍ଲାରୁ ୭ଜଣ ଲେଖାଏଁ, କନ୍ଧମାଳ ଜିଲ୍ଲାରୁ ୬ଜଣ, ନୟାଗଡ଼ ଓ ସମ୍ବଲପୁର ଜିଲ୍ଲାରୁ ୫ଜଣ ଲେଖାଏଁ ଓ ନବରଙ୍ଗପୁର ଜିଲ୍ଲାରୁ ୪ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୩ଜଣ ଓ ଢେଙ୍କାନାଳ ଜିଲ୍ଲାରୁ ୨ଜଣ କରୋନା ଆକ୍ରାନ୍ତ ଆଜି ସୁସ୍ଥ ହୋଇ ଘରକୁ ଫେରିଛନ୍ତି ।

ବାରାଣସୀସ୍ଥିତ ଏନଜିଓ ପ୍ରତିନିଧିଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା

ନୂଆଦିଲ୍ଲୀ,୯।୭ (ନି.ପ୍ର): କରୋନା ସଂକ୍ରମଣ କାଳରେ ବାରାଣସୀରେ ଲୋକମାନଙ୍କୁ ରିଲିଫ ଯୋଗାଇଥିବା ବାରାଣସୀର ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧିଙ୍କ ସହ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡିଓ କନଫରେନ୍ସ ଜରିଆରେ ମତ ବିନିମୟ କରିଛନ୍ତି । କରୋନା ବୈଶ୍ୱିକ ମହାମାରୀ ସତ୍ତ୍ୱେ ଲୋକମାନଙ୍କ ମନରେ ଉତ୍ସାହ ଓ ଆଶା ଉଜ୍ଜୀବିତ କରିଥିବା ପବିତ୍ର ମହାନଗରୀ ବାରାଣସୀର ଜନସାଧାରଣଙ୍କୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି ଯେ, ଖୁବ ସାହସ ଓ ସେବା ମନୋଭାବ ନେଇ ବାରାଣସୀର ଲୋକମାନେ ଯେପରି ଗରିବ ଲୋକମାନଙ୍କୁ ସାହାଯ୍ୟ କରିଛନ୍ତି ତାହାର ସମସ୍ତ ଖବର ସେ ରଖିଛନ୍ତି । ସଂକ୍ରମଣକୁ ରୋକିବା, ବିଭିନ୍ନ ଡାକ୍ତରଖାନାର ସୁବିଧା ଅସୁବିଧା, ସଙ୍ଗରୋଧ ବ୍ୟବସ୍ଥା ଓ ପ୍ରବାସୀ ଶ୍ରମିକମାନଙ୍କ କଲ୍ୟାଣ ଦିଗରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପର ଖବର ସେ ପାଉଛନ୍ତି । ସେ କହିଛନ୍ତି ଯେ, ମା ଅନ୍ନପୂର୍ଣ୍ଣା ଓ ବାବା ବିଶ୍ୱନାଥଙ୍କ କୃପାରୁ କାଶୀରେ କୌଣସି ଲୋକ ଭୋକରେ ଶୁଏ ନାହିଁ । ଆମ ସମସ୍ତଙ୍କର ସୌଭାଗ୍ୟ ଯେ ଈଶ୍ୱର ଆମ ମାଧ୍ୟମରେ ଦରିଦ୍ର ଜନତାଙ୍କ ସେବା କରିବାକୁ ସୁଯୋଗ ଦେଇଛନ୍ତି । ଏହି ପବିତ୍ର ମହାନଗରୀରେ ବିଭିନ୍ନ ଧାର୍ମିକ କାର୍ଯ୍ୟକଳାପ ବନ୍ଦ ହୋଇଯାଇଥିଲେ ମଧ୍ୟ ବାରାଣସୀର ଜନସାଧାରଣ କରୋନା ବିରୁଦ୍ଧରେ ସଂଗ୍ରାମ ଓ ଆବଶ୍ୟକ କରୁଥିବା ଗରିବ ଲୋକମାନଙ୍କୁ ଖାଦ୍ୟ ଓ ଔଷଧପତ୍ର ବାଣ୍ଟିବାରେ ଦେଶରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି ।

▶▶ପୃଷ୍ଠା ୭

ଆଇନ ଶୃଙ୍ଖଳା ସ୍ଥିତି ସଜାଡ଼ିବାକୁ ପ୍ରୟାସ : ୩ ଜିଲ୍ଲାର ଇନ୍‌ସ୍ପେକ୍ଟର ସ୍ତରରେ ଅଦଳବଦଳ

ବାଲେଶ୍ୱର,୯।୭ (ନି.ପ୍ର): କେବଳ ବାଲେଶ୍ୱର ନୁହେଁ ବରଂ ପୂର୍ବାଞ୍ଚଳ ଜୋନ୍ ଉତ୍ତର ଓଡ଼ିଶାର ୩ ଜିଲ୍ଲାରେ ଅଣଆୟତ୍ତ ଆଇନ୍ ଶୃଙ୍ଖଳା ସ୍ଥିତିକୁ ଦୃଷ୍ଟିରେ ରଖି ଆଇଜି ଦୀପ୍ତେଶ ପଟ୍ଟନାୟକ ଆଜି ଇନ୍‌ସ୍ପେକ୍ଟର ସ୍ତରରେ ଅଦଳ ବଦଳ କରିଛନ୍ତି । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଟାଉନ୍ ଥାନାର ବିବାଦୀୟ ଆଇଆଇସି ସରୋଜିନୀ ନାୟକଙ୍କୁ ମୟୂରଭଂଜକୁ ଓ ଅଳ୍ପଦିନ ପୂର୍ବରୁ ସହଦେବଖୁଣ୍ଟା ଥାନାଧିକାରୀ ଭାବେ ଦାୟିତ୍ୱ ନେଇଥିବା କୃଷ୍ଣଚନ୍ଦ୍ର ପଲେଇଙ୍କୁ ଭଦ୍ରକ ଜିଲ୍ଲାକୁ ବଦଳି କରାଯାଇଛି । ସେହିଭଳି ଭଦ୍ରକରୁ ଆଲୋକ କୁମାର ଜେନା ଏବଂ ମଧୁମିତା ମହାନ୍ତିଙ୍କର ବାଲେଶ୍ୱରକୁ ଓ ମୀନା ବିନ୍ଧାଣୀଙ୍କର ମୟୂରଭଂଜକୁ ବଦଳି କରାଯାଇଛି । ତେବେ ବାଲେଶ୍ୱରକୁ ବଦଳି ହୋଇ ଆସିଥିବା ଆଲୋକ କୁମାର ଜେନା ଟାଉନଥାନା ଓ ମଧୁମିତା ମହାନ୍ତିଙ୍କୁ ସହଦେବଖୁଣ୍ଟା ଥାନାର ଦାୟିତ୍ୱ ଦିଆଯାଇଥିବା ଜଣାପଡ଼ିଛି । ବାଲେଶ୍ୱର ଟାଉନ ଥାନାରେ ବଢ଼ି ଚାଲିଥିବା ଦୁର୍ନୀତି ଓ ଦଲାଲ ରାଜକୁ ଦୃଷ୍ଟିରେ ରଖି ଏହି ଅଦଳ ବଦଳ କରାଯାଇଥିବା ଆଲୋଚନା ହେଉଛି । ବିଶେଷ କରି ଗତ ୧ ତାରିଖରେ ଲାଞ୍ଚ ଟଙ୍କା ନେବା ବେଳେ ଜନୈକ ଦଲାଲଙ୍କ ସମେତ ଟାଉନଥାନା ଏସଆଇ ବିମଲ ଚନ୍ଦ୍ର କର ଭିଜିଲାନ୍ସ ହାତରେ ଧରାପଡ଼ିବା ଏବଂ ଏହି ମାମଲାରେ ସମ୍ପୃକ୍ତ ଥାନାଧିକାରିଣୀ ସରୋଜିନୀ ନାୟକ ପ୍ରଥମେ ନିଖୋଜ ଓ ପରେ ଛୁଟିରେ ରହିବାକୁ ନେଇ ବିବାଦ ଦେଖାଦେଇଥିଲା । ପୁଲିସର ବେଆଇନ୍ କାର୍ଯ୍ୟଧାରା ଓ ବିଗୁଡ଼ିଥିବା ଆଇନ ଶୃଙ୍ଖଳା ସ୍ଥିତିକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଥିଲା । ଏମିତିକି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରି ବିଜେପି ପକ୍ଷରୁ ଏସପିଙ୍କୁ ସ୍ମାରକପତ୍ର ପ୍ରଦାନ ସହ ଆନ୍ଦୋଳନର ଚେତାବନୀ ଦିଆଯାଇଥିଲା । ତେବେ ଏହି ଅଦଳବଦଳ ସ୍ଥିତି ସଜାଡ଼ିବାରେ ସହାୟକ ହେବ ବୋଲି ବିଭିନ୍ନ ମହଲରୁ ଆଶା ପ୍ରକାଶ ପାଇଛି ।

ଜିଲ୍ଲାରେ ଆଉ ୨ ଆକ୍ରାନ୍ତ ଚିହ୍ନଟ

ଭଦ୍ରକ,୯।୭ (ନି.ପ୍ର): ଜିଲ୍ଲାରେ ଆଜି ଆଉ ୨ କରୋନା ପଜିଟିଭ ବାହାରିଛନ୍ତି । ଆଜି ଏହି ଆକ୍ରାନ୍ତଙ୍କ ଚିହ୍ନଟ ପରେ ଜିଲ୍ଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୭୯ ହୋଇଛି । ଅନ୍ୟପକ୍ଷରେ ଆକ୍ରାନ୍ତଙ୍କ ମଧ୍ୟରୁ ୧୪ଜଣ ସୁସ୍ଥଙ୍କୁ ମିଶାଇ ମୋଟ ସୁସ୍ଥଙ୍କ ସଂଖ୍ୟା ୨୫୮ରେ ପହଞ୍ଚିଛି । ଆକ୍ଟିଭ କେଶ ୨୦ ରହିଛି । ମୋଟ ଜିଲ୍ଲାରୁ ୧୧ହଜାର ୧୫୪ ନମୁନା ପରୀକ୍ଷା ସରିଛି ବୋଲି ଜିଲ୍ଲାପାଳ ଡ, ଜ୍ଞାନ ଦାସ ସୂଚନା ଦେଇଛନ୍ତି। ଏଥି ସହିତ ଘରକୁ ଘର ବୁଲି ଆଶାକର୍ମୀ, ଏଏନ୍‌ଏମ, ଅଙ୍ଗନୱାଡି କର୍ମଚାରୀ ସ୍ୱାସ୍ଥ୍ୟ ସମ୍ପର୍କୀତ ସୂଚନା ସଂଗ୍ରହ କରୁଛନ୍ତି। ଆଜି ଚିହ୍ନଟ ହୋଇଥିବା ଆକ୍ରାନ୍ତ କଣ୍ଟେନମେଣ୍ଟ ଜୋନ ଭିତରୁ ବାହାରିଥିବାରୁ ସଂପୃକ୍ତ କଣ୍ଟେନମେଣ୍ଟଜୋନର କଟକଣା ସମୟସୀମାକୁ ୧୪ ଦିନ ବୃଦ୍ଧି କରାଯାଇଛି । ଜଣେ ଚିହ୍ନଟ ଭଦ୍ରକ ପୌରପାଳିକାର ପୁରୁଣାବଜାର ଡି.ଏନ. ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଟିଏମସିରୁ ବାହାରିଥିବା ବେଳେ ଅନ୍ୟଜଣେ ତିହିଡି ବ୍ଲକ ଭାଟପଡା ପଞ୍ଚାୟତର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଟିଏମ୍‌ସିର ବୋଳି ସୂଚନା ଦିଆ ଯାଇଛି ।

ଯଶିପୁର ମନରେଗା ଅର୍ଥ ବାଟମାରଣା ଘଟଣାରେ ଦୁଇ ଗିରଫ

- ଅନ୍ୟ ଅଭିଯୁକ୍ତ ମାନେ ଫେରାର : ତିନି ନିଲମ୍ବିତ,ଲକ୍ଷେ ଟଙ୍କା ଜବତ
- ଅଭିଯୁକ୍ତ ତିନିଜଣ ସରପଂଚଙ୍କଠାରୁ ଆର୍ଥିକ କ୍ଷମତା ପ୍ରତ୍ୟାହାର

ବାରିପଦା,୯।୭ (ନି.ପ୍ର): ନିକଟରେ ସାରା ମୟୂରଭ ଜିଲ୍ଲାରେ ଚର୍ଚ୍ଚାରେ ଥିବା ଯଶିପୁର ବ୍ଲକ୍‌ର ଶିମିଳିପାଳ ଭିତରେ ଥିବା ପାଂଚଗୋଟି ଗ୍ରାମ ପଂଚାୟତର ମନରେଗା କାର୍ଯ୍ୟରେ ହୋଇଥିବା ବାଟମାରଣା ଏବଂ କୋଟୀକୋଟୀ ଟଙ୍କାର ହେରଫେର ଘଟଣାରେ ଗତ ୮ ତାରିଖ ଦିନ ଦୁଇଜଣ ଗିରଫ ହୋଇଥିବାର ଏବଂ ଜଣକ ପାଖରୁ ଲକ୍ଷେ ଟଙ୍କା ଜବତ ହୋଇଥିବାର ଜଣାପଡିଛି । ମୟୂରଭ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ ମତେ ଏହି ଘଟଣାରେ ପ୍ରଥମ ଦଫାରେ ୧୩ ଜଣ ଓ ପରବର୍ତି ସମୟରେ ଆଉ ୧୨ ଜଣ ଏପରି ୨୫ ଜଣଙ୍କ ନାମରେ ଯଶିପୁର ଥାନାରେ କେଶନଂ-୯୦/୨୦୨୦ ମୂଳେ ମାମଲା ରୁଜୁ ହୋଇଥିଲା ଏବଂ କରିଆ ଏସ.ଡି.ପି.ଓ. ଶ୍ରୀ ନାରାୟଣ ନାୟକଙ୍କ ତତ୍ତ୍ୱାବଧାନରେ ଯଶିପୁର ଆଇଆଇସି ଶ୍ରୀ ରନ କୁମାର ସେଠୀ ଏହି ମାମଲାର ତଦନ୍ତ ଜାରି ରଖିଥିବାବେଳେ ଗତକାଲି ଆଇଆଇସି ଶ୍ରୀ ସେଠୀ ବରେହିପାଣି ପଂଚାୟତର ତତ୍‌କାଳୀନ ପଂଚାୟତ ଅଧିକାରୀ ବେଣୁଧର ନାଏକ ଓ ଗୁଡୁଗୁଡିଆ ପଂଚାୟତ ଅଧିକାରୀ ସନ୍ତୋଷ ଦାସଙ୍କୁ ଗିରଫ କରିବାରେ ତଥା ଗୁଡୁଗୁଡିଆ ପଂଚାୟତ ଅଧିକାରୀ ସନ୍ତୋଷ ଦାସଙ୍କ ଠାରୁ ଏକଲକ୍ଷ ଟଙ୍କା ଜବତ କରିବାରେ ସଫଳ ହୋଇଥିବାର ଜଣାପଡିଛି । ଏହାଛଡା ପୋଲିସ ପକ୍ଷରୁ ବିବିନ୍ନ ସରାମ ଯୋଗାଇଥିବା ଭେଣ୍ଡରଙ୍କ ଘରେ ମଧ୍ୟ ଚଢାଓ କରିଥିବାର ପ୍ରକାଶ ।ଏହି ଘଟଣାରେ ଏହି ଦୁଇ ଅଧିକାରୀଙ୍କ ସମେତ ଧଳାବଣି ପଂଚାୟତ

▶▶ପୃଷ୍ଠା ୭

ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ହେବ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୯।୭ (ନି.ପ୍ର): କରୋନା ମୁକାବିଲା ପାଇଁ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ନିମନ୍ତେ ନେଚରପାଥି, ଆୟୁରର୍ବେଦ, ହୋମିଓପାଥି ଓ ଅନ୍ୟାନ୍ୟ ମେଡିସିନ୍ ବିଷୟରେ ଜନସଚେତନ ଓ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯିବ। ଏହାସହ ବଜାରରେ ବିକ୍ରି ହେଉଥିବା କୋଭିଡ-୧୯ର ସମସ୍ତ ଆୟୁର୍ବେଦିକ ଔଷଧ ଗୁଡ଼ିକ ନିରୀକ୍ଷଣ କରି ତାର ଗୁଣବତା, କାର୍ଯ୍ୟଦକ୍ଷତା ଓ ପ୍ରକୃତ କାର୍ଯ୍ୟକାରିତା ଗୁଡ଼ିକ ସୁନିଶ୍ଚିତ କରି ଜିଲ୍ଲା ସ୍ତରରେ ତନଖି କରିବା ପାଇଁ ନିର୍ଦ୍ଦେଶ ଜାରୀ କରିବା ପାଇଁ ପରାମର୍ଶ ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ । ଗୁରୁବାର ଦିନ ରାଜ୍ୟ ଅର୍ଥ ମନ୍ତ୍ରୀ ନିରଂଜନ ପୂଜାରୀଙ୍କ ଅଧ୍ୟକ୍ଷତାରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଉଚ୍ଚ କ୍ଷମତା ସମ୍ପନ୍ନ ମନ୍ତ୍ରୀ ଗୋଷ୍ଠୀ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ ଯେ ବିଶେଷଜ୍ଞ କମିଟି ଆରଟିପିସିଆର ମେସିନ୍ ଓ ଟେଷ୍ଟିଙ୍ଗ କିଟ୍‌ଗୁଡ଼ିକ ମାଧ୍ୟମରେ ଯେଉଁ କୋଭିଡ ପରୀକ୍ଷଣ ହେଉଛି ତାକୁ ନିୟମିତ ଭାବରେ ଯାଂଚ୍ କରିବା ଦରକାର। କୋଭିଡ-୧୯ ପାଇଁ ଉଚ୍ଚ କ୍ଷମତା ସମ୍ପନ୍ନ ବୈଷୟିକ କମିଟି କରାଯାଉ। ଯେଉଁଥିରେ ମାଇକ୍ରୋ ବାୟୋଲୋଜି, ଭାଇରୋଲୋଜି, ଏପିଡୋମୋଲୋଜି ର ବିଶେଷଜ୍ଞ ଓ ଡାକ୍ତର, ଆର୍.ଏମ୍.ଆର୍.ସି ର ବୈଜ୍ଞାନିକ , ଡ୍ରଗ୍ ନିୟନ୍ତ୍ରଣ ବିଭାଗ ଏବଂ ଏହା ସହିତ ଡିଏମଇଟି, ଡିଏଚଏସ, ଡିପିଏଚ ଆଣ୍ଡ ଟ୍ରିଟିଂ ଫିଜିସିଆନସ୍‌ଏବଂ ଏହି କମିଟି କୋଭିଡ-୧୯ ର ମୃତ୍ୟୁର କାରଣ ଓ ପ୍ରତିକାର ଉପରେ ସରକାରଙ୍କୁ ରିପୋର୍ଟ ଦେବେ। ଉକ୍ତ ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି, ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁରକୁରନି ସାହୁ , ସ୍ୱାସ୍ଥ୍ୟ ଓପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ବରିଷ୍ଠ ଅଧିକାରୀମାନେଏହି ବୈଠକରେ ଉପସ୍ଥିତ ଥିଲେ ।

'ଉତ୍କଳମଣି ନିଃସ୍ୱାର୍ଥ ସେବା ସଂଗଠନ'ପକ୍ଷରୁ ରକ୍ତଦାନ ଶିବିର

ବାଲେଶ୍ୱର,୯।୭ (ନି.ପ୍ର): ଉତ୍କଳମଣି ନିଃସ୍ୱାର୍ଥ ସେବା ସଂଗଠନ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆଜି ନୀଳଗିରି ହସପିଟାଲରେ ଅନୁଷ୍ଠିତ ହୋଇଯାଇଛି । ସଂଗଠନର ପ୍ରତିଷ୍ଠାତା ଇଂଜିନିୟର ଅମୂଲ୍ୟ କୁମାର ଜେନା ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହିତ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । କେବଳ ରକ୍ତଦାନ ନୁହେଁ ସଂଗଠନର ନାମ ଅନୁସାରେ ନିଃସ୍ୱାର୍ଥ ପର ଭାବେ ଅବହେଳିତ ଲୋକଙ୍କୁ ବିଭିନ୍ନ ସେବା ଯୋଗାଇ ଦେଇ ଆସୁଛି। ଆଗାମୀ ଦିନରେ